୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଧର୍ମ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27 . No.1 Bhubaneswar Sunday Feburary 02 2025 | ୨୭ତମ ବର୍ଷ ସଂଖ୍ୟା-୧ ଭୁବନେଶ୍ୱର, ରବିବାର, ଫେବୃଆରୀ ୦୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

Best Compliments from

JSW Utkal Steel Limited. Paradip

## ୨୭ ବର୍ଷରେ ଦୈନିକ 'ପର୍ଯ୍ୟବେକ୍ଷକ'

ଶୂନ୍ୟସ୍ତମ୍ଭ



ଆଜି ଦୈନିକ 'ପର୍ଯ୍ୟବେକ୍ଷକ'ର ୨୭ତମ ପ୍ରତିଷ୍ଠା ଦିବସ । ୧୯୯୮ ମସିହା ଫେବୃଆରୀ ୨ ତାରିଖ ପବିତ୍ର ଶ୍ରୀପଞ୍ଚମୀ ଦିନ ଏହାର ଦୈନିକ ପ୍ରକାଶନର ଶୁଭାରମ୍ଭ ହୋଇଥିଲା। ସଂଯୋଗବଶତଃ ଆଜି ମଧ୍ୟ ପବିତ୍ର ଶ୍ରୀପ□ମୀ। ୨୬ ବର୍ଷ ପୂର୍ବେ ପର୍ଯ୍ୟବେକ୍ଷକ ଦୈନିକ ଖବରକାଗଜ ଭାବେ ପ୍ରକାଶିତ ହେବା ପୂର୍ବରୁ ଏହା ଏକ ସାପ୍ତାହିକ ଖବର କାଗଜ ହିସାବରେ ନିଜର ଦାୟିତ୍ୱ, କର୍ତ୍ତବ୍ୟ ନିରବଚ୍ଛିନ୍ନ ଭାବେ ସମ୍ପାଦନ କରି ଆସୁଥିଲା। ସାଧାରଣ ଲୋକଙ୍କ ସ୍ୱାର୍ଥ ଅଧିକାର ପାଇଁ ଲଢ଼ି ଅନେକ ଥର ଶାସନ, ପ୍ରଶାସନ, ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କ ରୋଷର ଶିକାର ହୋଇଥିଲେ ମଧ୍ୟ କେବେ ବି ତା'ର ମୂଳ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନାହିଁ।

ସାଧାରଣ ଲୋକଙ୍କ ପାଇଁ ଖବର ସଂଗ୍ରହ କରିବା ଏକ ସାଧାରଣ କଥା ନୁହଁ ...ଏହା ଏକ ଅସାଧାରଣ କଥା... ଏହା ଏକ ଦୁଃସାହସିକ ଅଭିଯାନ ସହିତ ତୁଳନୀୟ। କାରଣ ପର୍ଯ୍ୟବେକ୍ଷକ ସାଧାରଣ ଲୋକଙ୍କର ଖବର କାଗଜ... ପ୍ରଥମ ପ୍ରକାଶନ ବେଳେ ଏହାର ବିକ୍ରୟ ମୂଲ୍ୟ ଟ ୧.୫୦ ପଇସା ଥିଲା ଯାହା ଏବେ ବି ଅପରିବର୍ତ୍ତିତ। ଏଥିପାଇଁ ଆମେ ଯଥେଷ୍ଟ ଆର୍ଥିକ ଚାପର ବଶବର୍ତ୍ତୀ... ୨୬ ବର୍ଷ ପୂର୍ବରୁ ଏହା ସାଧାରଣ ଲୋକଙ୍କ ଖବରକାଗଜ ଥିଲା... ୨୬ ବର୍ଷ ପରେ ଏହା ସେମାନଙ୍କର ଖବରକାଗଜ ଅଛି ଓ ଆଗକୁ ମଧ୍ୟ ରହିବ...ଜନସାଧାରଣ ହିଁ ଏହାର ମାଲିକ, ପୃଷ୍ଠପୋଷକ ଓ ପାଠକ...

ମହାମାରୀ କରୋନାର ସଙ୍କଟମୟ ପରିସ୍ଥିତି ସତ୍ତ୍ୱେ ଏହାର ଡିଜିଟାଲ ଓ ୱେବ ସଂସ୍କରଣର ଶୁଭାରମ୍ଭ ହୋଇଥିଲା। ଆଜିର ପୂଣ୍ୟ ଜନ୍ମତିଥି ଅବସରରେ ପର୍ଯ୍ୟବେକ୍ଷକ ପରିବାର ତା'ର ସମସ୍ତ ପାଠକ / ପାଠିକା ,ଲେଖକ/ ଲେଖିକା, ସମ୍ବାଦଦାତା, ବିଜ୍ଞାପନଦାତା, କର୍ମଚାରୀ ବୃନ୍ଦ, ହକର ଓ ବିତରକ ବନ୍ଧୁଗଣ ଏବଂ ସର୍ବୋପରି ଓଡ଼ିଶାର ଜନସାଧାରଣ ତଥା ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଇ ଭଉଣୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସୁସ୍ଥ ନିରାମୟ ଜୀବନ ଓ ଆର୍ଥିକ ଉନ୍ନତି, ସ୍ୱାବଲମ୍ବିତା କାମନା କରୁଛି।

ଜୟ ଜଗନ୍ନାଥ
ବନ୍ଦେ ଉତ୍କଳ ଜନନୀ
ଡକ୍ଟର ପବିତ୍ରମୋହନ ସାମନ୍ତରାୟ
ମୁଖ୍ୟ ସମ୍ପାଦକ, ଦୈନିକ ପର୍ଯ୍ୟବେକ୍ଷକ

## ବାଟବଣା କଲାଣି ଦଳୀୟ ପାଣ୍ଠି : ବବିଙ୍କ ସୁରକ୍ଷା ପାଇଁ ଦେବୀଙ୍କ ପରେ ଆଗକୁ ଆସିଲେ ସଞ୍ଜୟ

ଭୁବନେଶ୍ୱର,୧।୨(ପି.ଏନ): ବିଜେଡି ରାଜ୍ୟରେ କ୍ଷମତାଚ୍ୟୁତ ହେବା ପରଠୁ ନିଜର ରାଜନୀତିକ ଅସ୍ତିତ୍ୱ ରକ୍ଷା କରିବା ଏବେ କିଛି ଆଗଧାଡିର ଦଳୀୟ ନେତାଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ପାଲଟିଛି । ବିଜେଡିର ପାଣ୍ଠିକୁ ନିଜ କବଜାରେ ରଖିଥିବା ଦଳର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନ ଓ ତାଙ୍କ ଖାସ୍ ଅନୁଗତ ପ୍ରଣବପ୍ରକାଶ ଦାସ(ବବି)ଙ୍କୁ ଯେନତେନ ପ୍ରକାରେ ସନ୍ତୁଷ୍ଟ କରି ସେମାନଙ୍କ ପ୍ରିୟପାତ୍ର ହେବାକୁ କିଛି ନେତାମାନଙ୍କ ମଧ୍ୟରେ ଏକରକମ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିବା ଜଣାପଡିଛି । ଦଳରେ ତୀବ୍ର ବିରୋଧ ସତ୍ତ୍ୱେ ଗତ ୪ଦିନ ପୂର୍ବରୁ ବବିଙ୍କୁ ସଂଗଠନରେ ଏଂଟ୍ରି କରାଯାଇଥିବାବେଳେ ଆଜି ଏହାକୁ ଯଥାର୍ଥ ଦର୍ଶାଇବାକୁ ଆଗକୁ ଆସିଛନ୍ତି ବରିଷ୍ଠ ନେତା ସଞ୍ଜୟ ଦାସବର୍ମା । ଯଦିଓ ଦଳର ୨୪ବର୍ଷର ଶାସନର ପତନ ପାଇଁ ପାଣ୍ଡିଆନ-ବବି ଯୋଡିଙ୍କୁ ସବୁଠି ଦାୟୀ କରାଯାଉଛି ଓ ସେମାନଙ୍କ ଚାପରେ ଦଳ ଏପର୍ଯ୍ୟନ୍ତ ନିଜର ପରାଜୟର ସମୀକ୍ଷା ବୈଠକ ମଧ୍ୟ କରିପାରୁନି ତଥାପି ଏହି ଯୋଡିଙ୍କ ସୁରକ୍ଷା ପାଇଁ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ରଙ୍କ ପରେ ଏବେ ସଞ୍ଜୟ ଆଗକୁ ଆସିଛନ୍ତି । ବିଜେଡି ପାଇଁ ବ୍ୟକ୍ତି ନୁହେଁ ବରଂ ବିଚାର ଓ ଆଦର୍ଶ ଗୁରୁତ୍ୱପୂର୍ଣ୍ଣ ବୋଲି କହି ପ୍ରାୟୋଜିତ ଢଙ୍ଗରେ ସଂଗଠନରେ ବବିଙ୍କ ଏଂଟ୍ରି ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ସଞ୍ଜୟ ଯଥାର୍ଥ ବୋଲି ଦର୍ଶାଇଛନ୍ତି । ତେବେ ଜଣେ



ଅଣଓଡିଆ ଅଫିସରଙ୍କ 'କ୍ରୀତଦାସ' ଭାବେ ନିଜକୁ ଘୋଷଣା କରିସାରିଥିବା ବବିଙ୍କୁ ଦାୟିତ୍ୱ ନ୍ୟସ୍ତ କରିବା ଆଂଚଳିକ ଦଳ ବିଜେଡିର କେଉଁ ବିଚାର ଓ ଆଦର୍ଶର ପ୍ରତିଫଳନ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ନିଜ ସ୍ୱାର୍ଥ ପାଇଁ ଓଡିଆଙ୍କ ସମ୍ମାନ ଓ ସ୍ୱାଭିମାନକୁ ଭୂଲୁଣ୍ଠିତ କରିଥିବା ବିଜେଡିର କିଛି ନେତା ଏବେ ଦଳୀୟ ପାଣ୍ଠିକୁ ହାତେଇବା ପାଇଁ ପାଣ୍ଡିଆନ-ବବି ଯୋଡିଙ୍କ ତୁଷ୍ଟୀକରଣରେ ମାତିଥିବା ଚର୍ଚ୍ଚା ହେଉଛି ।ସୂଚ଼ନା ଅନୁସାରେ, ଗତ ୪ଦିନ ପୂର୍ବରୁ ଅର୍ଥାତ୍ ଜାନୁୟାରୀ ୨୮ତାରିଖରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ଜାରି ନିର୍ବାଚ଼ନମଣ୍ଡଳୀ 'ପ୍ରଭାରୀ'ତାଲିକାକୁ ନେଇ ଦଳ ଭିତରେ ଏବେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ପ୍ରଭାରୀ ତାଲିକା ମାଧ୍ୟମରେ ବବିଙ୍କୁ ପୁଣିଥରେ ସଂଗଠନରେ ଏଂଟ୍ରି ଦିଆଯାଇଥିବାରୁ ଖୋଲାଖୋଲି ଭାବେ ଦଳୀୟ ମହଲରେ ନେତାମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି। ଯାହାକୁ ପ୍ରଶମିତ କରିବା ପାଇଁ ସଞ୍ଜୟ ଆଜି ନିଜଘରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ବବିଙ୍କ ନିଯୁକ୍ତିକୁ ଯଥାର୍ଥ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଆଉ ଦଳର ଅଘୋଷିତ ସର୍ବ ?ସର୍ବା ପାଣ୍ଡିଆନଙ୍କ ଇସାରାରେ ବବିଙ୍କୁ ପୁଣିଥରେ ସଂଗଠନ ଦାୟିତ୍ୱ ଦେବା ପାଇଁ ହୋଇଥିବା ରଣନୀତିକୁ କାର୍ଯ୍ୟକାରୀ କରିବାକୁ ଦେବୀ ଓ ସଞ୍ଜୟ ଆଗକୁ ଆସିଥିବା ଜଣାପଡିଛି । ନିର୍ବାଚ଼ନରେ ପରାଜିତ ହେବାପରଠୁ ଦେବୀ ଓ ସଞ୍ଜୟ ନିଜର ରାଜନୀତିକ ଅସ୍ତିତ୍ୱ ରକ୍ଷା ପାଇଁ କସରତ ଚ଼ଳାଇଛନ୍ତି । ପାଣ୍ଡିଆନ-ବବି ଯୋଡିଙ୍କ ଆଶୀର୍ବାଦ ବିନା ବିଜେଡିରେ ତିଷ୍ଠିବା ସମ୍ଭବପର ନଥିବାରୁ ଏହି ଦୁଇ ନେତା ଏବେ ସେମାନଙ୍କ ତୁଷ୍ଟୀକରଣରେ ଲିପ୍ତ ଥିବା ଚ଼ର୍ଚ୍ଚା ହେଉଛି । ସଞ୍ଜୟ ଆଜି ଗଣମାଧ୍ୟମକୁ ସୂଚ଼ନା ଦେଇ କହିଛନ୍ତି ଯେ, ବିଭିନ୍ନ ନିର୍ବାଚ଼ନମଣ୍ଡଳୀରେ ସାଂଗଠନିକ ପ୍ରକ୍ରିୟାରେ କିଭଳି ସମସ୍ତଙ୍କୁ ସାମିଲ କରି ସଂଗଠନକୁ ଶକ୍ତିଶାଳୀ କରାଯିବା ସହ ସଭ୍ୟ ସଂଗ୍ରହ ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯିବ ସେଥିପାଇଁ କିଛି ନେତୃତ୍ୱଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି ।

OMM SAI DIAGNOSTIC CENTRE
Govt. Regd. No.-Patholab - 1777/2014, PNDT-OR-13-0014/2013



Ultra Sound | Digital X-Ray
Elisa Test | Facilities Available | Pathology
E.C.G. | Q.B.C. | C.B.C.
All types of Pathological Biochemical Hormone Culture Biopsy done here.
KANHEIPUR (SHARMISTHA MEMORIAL HOSPITAL LANE)
JAJPUR ROAD, JAJPUR - 755019, Ph.: 06726-220546
MOB.: 9438510546, 9438841650, Email : ommsai77@gmail.com

## ବଜେଟ୍: ୧୨ ଲକ୍ଷ ପର୍ଯ୍ୟନ୍ତ ଆୟକର ଛାଡ, ଜାଣନ୍ତୁ କ'ଣ ଶସ୍ତା ହେଲା ଓ କାହାର ଦର ବଢ଼ିଲା

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଜି ସଂସଦରେ ବଜେଟ୍? ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏଥିରେ ମଧ୍ୟବିତ୍ତଙ୍କ ପାଇଁ ସେ କରିଛନ୍ତି ବଡ ଘୋଷଣା। ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ ଘୋଷଣା କରାଯାଇଛି। ସେହିପରି ଏହି ବଡ ଘୋଷଣା ଭିତରେ ଅଛି ବେତନଭୋଗୀଙ୍କ ପାଇଁ ୧୨ ଲକ୍ଷ ୭୫ ହଜାର ଟଙ୍କା ପର୍ଯ୍ୟନ୍ତ ଆୟର ଛାଡ। ୭୫ ହଜାର ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ଥିବାରୁ ୧୨.୭୫ ଲକ୍ଷ ଦରମାରେ ଆୟକର ଦେବାକୁ ପଡିବନି। କ୍ୟାପିଟାଲ ଗେନ୍ ଛଡା ଅନ୍ୟ ଆୟରେ ୧୨ ଲକ୍ଷ ପର୍ଯ୍ୟନ୍ତ ଟିକସ ଛାଡ ହେବ। କ୍ୟାପିଟାଲ ଗେନ୍ ଥିଲେ ୮ରୁ ୧୨ ଲକ୍ଷ ପର୍ଯ୍ୟନ୍ତ ଆୟକର ୧୦% ରହିବ। ୧୨ରୁ ୧୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୧୫% ଟିକସ ଦେବାକୁ ପଡିବ। ୧୬ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୨୦% ଟିକସ, ୨୦ରୁ ୨୪ ଲକ୍ଷ ପର୍ଯ୍ୟନ୍ତ ଆୟ ପାଇଁ ୨୫% ଟିକସ ଓ ୨୪ ଲକ୍ଷରୁ ଅଧିକ ଆୟ ପାଇଁ ଟିକସ ୩୦ % ଟିକସ ଦେବାକୁ ପଡିବ। ତେବେ ଏହି ନୂଆ ଘୋଷଣା ଯୋଗୁ ମଧ୍ୟବିତ୍ତଙ୍କୁ ବଡ ଆଶ୍ୱସ୍ତି ମିଳିଛି। ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ଥିଲେ ବାର୍ଷିକ ୮୦ ହଜାର ଟଙ୍କା ବଞ୍ଚିବ। ୧୮ ଲକ୍ଷ ପର୍ଯ୍ୟନ୍ତ ଆୟ ଥିଲେ ବାର୍ଷିକ ୭୦ ହଜାର ଟଙ୍କା ବଞ୍ଚିବ। ୨୫ ଲକ୍ଷ ପର୍ଯ୍ୟନ୍ତ ଆୟ ଥିଲେ ବାର୍ଷିକ ୧.୧୦ ଲକ୍ଷ ଟଙ୍କା ବଞ୍ଚିବ।

କ'ଣ ଶସ୍ତା ହେଲା, କାହା ଦର ବଢ଼ିଲା ସଂସଦରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ବଜେଟ୍? ଉପସ୍ଥାପନ କଲା ବେଳେ ଯେଉଁ କଥାଟିକୁ ଶୁଣିବାକୁ ଲୋକେ ଅଧିକ ଉତ୍ସାହର ସହିତ ଅପେକ୍ଷା କରନ୍ତି, ତାହା ହେଉଛି କେଉଁ ଜିନିଷ ଶସ୍ତା ହେବ ଓ କାହାର ଦର ବଢ଼ିବ। ଚ଼ଳିତ ବଜେଟରେ ଅନେକ ସାମଗ୍ରୀ ଉପରୁ ଟିକସ ଛାଡ କରିଛନ୍ତି କେନ୍ଦ୍ର ସରକାର। ଏଥର ବଜେଟରେ ଜୀବନ ରକ୍ଷାକାରୀ ଔଷଧ ଉପରୁ ଟିକସ ଛାଡ କରିଛନ୍ତି କେନ୍ଦ୍ର ସରକାର। ଫଳରେ ଶସ୍ତା ହୋଇଛି ଅନେକ ଔଷଧ। କ୍ୟାନସର, ଅନ୍ୟ ଦୂରାରୋଗ୍ୟ ବ୍ୟାଧି ପାଇଁ ଔଷଧ ଶସ୍ତାରେ ମିଳିବ। ୩୬ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ଉପରୁ କଷ୍ଟମ ଡ୍ୟୁଟି ସଂପୂର୍ଣ୍ଣ ଛାଡ କରାଯାଇଛି। ଫଳରେ ଏହି ୩୬ ଜୀବନ ରକ୍ଷାକାରୀ ଔଷଧ ଶସ୍ତା ହୋଇଛି। ଏହାଛଡା ଏଲ୍ ଇଡି ଟିଭି ଉପରୁ କର ହ୍ରାସ ନେଇ ଘୋଷଣା କରାଯାଇଛି। ଇଭିରେ ବ୍ୟବହୃତ ବ୍ୟାଟେରୀ ଉପରୁ ମଧ୍ୟ କର ହ୍ରାସ ହୋଇଛି। ମୋବାଇଲ ଫୋନ୍?, ବ୍ୟାଟେରୀ ଓ ଚ଼ମଡାଜାତ ଦ୍ରବ୍ୟ ଦର କମିବ। ଲିଥିୟମ୍ ବ୍ୟାଟେରୀ ଓ ବିଦ୍ୟୁତୀକରଣ ସାମଗ୍ରୀ ଶସ୍ତା ହେବ। ତେବେ ପ୍ଲାଷ୍ଟିକ ଜାତ ସାମଗ୍ରୀ ମହଙ୍ଗା ହୋଇଛି। ନିଟେଡ୍ ଫାବ୍ରିକ୍, ଫ୍ଲାଟ୍ ସ୍କ୍ରିନ୍ ଟିଭି ମହଙ୍ଗା ହେବ।

### ଅଭିନନ୍ଦନ

୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

### ଘୋଷଣା

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ ଅନିର୍ବାର୍ଯ୍ୟବଶତଃ ସ୍ଥଗିତ ରହିଲା। ପରବର୍ତ୍ତୀ ସ୍ଥାନ ଓ ତାରିଖ ବିଷୟରେ ଅବଗତ କରାଯିବ।

**-ପ୍ରକାଶକ**

### ଛୁଟି ଘୋଷଣା

୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଫେବୃଆରୀ ୨ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୪ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**

Madhuram Construction Co.
GSTIN No:-21AADFM3116E1Z2
MADHURAM CONSTRUCTION CO.
AT:GUNDICHA NAGAR -1
PO :MUNIGUDA
DIST:RAYAGADA
PIN:765020, ODISH
GOVERNMENT APPROVED CONTRACTOR












# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାତା । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ୍, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡ଼ା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ହୈମବତୀ ନନ୍ଦନ ଭୂୟାଁ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଫେବୃଆରୀ ୨**

# ସୁବ୍ରମଣ୍ୟମଙ୍କ କାର୍ଯ୍ୟ ସଂସ୍କୃତି ବନାମ ଶ୍ରମିକ ଶୋଷଣ



ଗୋପାଳ ମହାପାତ୍ର

ଏବେ ଦେଶରେ କର୍ମଚାରୀମାନେ କେତେ ଘଣ୍ଟା କାମ କରିବେ ସେ କଥାକୁ ନେଇ ବିବାଦ ଚାଲିଛି । ଲାର୍ସନ ଆଣ୍ଡ ଟ୍ୟୁବ୍ରୋ (ଏଲ୍‌ଆଣ୍ଡଟି)ର ଅଧ୍ୟକ୍ଷ ଏସ୍‌ଏନ୍ ସୁବ୍ରମଣ୍ୟମ ଶ୍ରମିକ କର୍ମଚାରୀ ମାନେ ସପ୍ତାହରେ ୯୦ ଘଣ୍ଟା କାମ କରିବା ଉଚିତ୍ ବୋଲି କହିବା ପରେ ଏ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ବିବାଦରେ ଏଣ୍ଟ୍ରି କରିଛନ୍ତି ମହନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା । ଆନନ୍ଦ ମହିନ୍ଦ୍ରା କହିଛନ୍ତି ଯେ କାର୍ଯ୍ୟ କରିବାର ସମୟ ପରିବର୍ତ୍ତେ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ । ବାସ୍ତବରେ ଆନନ୍ଦ ମହିନ୍ଦ୍ରା କାର୍ଯ୍ୟ କରିବାର ସମୟ (ଘଣ୍ଟା) ଉପରେ ଯାହା କହିଛନ୍ତି ତାହା ସଂପୂର୍ଣ୍ଣ ଭାବେ ଠିକ୍ କାରଣ କେହି ଶ୍ରମିକା/କର୍ମଚାରୀ ସପ୍ତାହରେ ୯୦ ଘଣ୍ଟା କାମରେ ରହେ କିନ୍ତୁ ଯଦି ଗୁଣବତ୍ତାପୂର୍ଣ୍ଣ କାର୍ଯ୍ୟ ନକରେ ତେବେ ୯୦ ଘଣ୍ଟା କାର୍ଯ୍ୟ କରିବାର ଅର୍ଥ କ'ଣ ? ବିନା ଗୁଣବତ୍ତା ମୂଳକ କାର୍ଯ୍ୟର କୌଣସି ଔଚିତ୍ୟ ବା ଅର୍ଥ ରହେ ନାହିଁ । ଆନନ୍ଦ ମହିନ୍ଦ୍ରାଙ୍କ କଥା ଓ କାର୍ଯ୍ୟର ସମୟ (ଘଣ୍ଟା) ବନାମ ଉତ୍ପାଦକତାନ୍ତର ଚର୍ଚ୍ଚାକୁ ସନ୍ତୁଳିତ କରିବା ଦିଗରେ ଏକ ଉଦ୍ୟମ ବୋଲି କୁହାଯାଇପାରେ । ଏ ପ୍ରସଙ୍ଗରେ କିଛି ଦିନ ତଳେ ଆନନ୍ଦ ମହିନ୍ଦ୍ରାଙ୍କୁ ସପ୍ତାହରେ ୯୦ଘଣ୍ଟା କାମ କରିବା କଥାକୁ ନେଇ କିଛି ସାମ୍ବାଦିକ ପ୍ରଶ୍ନ କରିଥିଲେ । ଉତ୍ତରରେ ଆନନ୍ଦ ମହିନ୍ଦ୍ରା ଇନ୍‌ଫୋସିସ୍‌ର ସହ ସଂସ୍ଥାପକ ନାରାୟଣ ମୂର୍ତ୍ତୀ ଏବଂ ଅନ୍ୟ ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ କହିଥିଲେ ଯେ ମୋତେ ଲାଗୁଛି ଏ ବାବଦରେ ଆଲୋଚନା ଭୁଲ ବାଟରେ ଯାଉଛି, କାରଣ ଏହି ଆଲୋଚନା କାମର ମାତ୍ରା ବାବଦରେ କରାଯାଉଛିନ୍ତ ।

ଆଜିର ସମୟରେ ସବୁଠି ପ୍ରତିସ୍ପର୍ଦ୍ଧାର ପ୍ରତିଯୋଗିତା ଚାଲିଛି ଏବଂ ଯେବେ ପ୍ରତିସ୍ପର୍ଦ୍ଧାର କଥା ଆସେ ଅଥବା ଯଦି କାର୍ଯ୍ୟ ମହତ୍ୱପୂର୍ଣ୍ଣ ତେବେ ବ୍ୟକ୍ତି ପୁରା ମନଧ୍ୟାନ ଦେଇ ସଂପୂର୍ଣ୍ଣ କରିବା ପାଇଁ ଲାଗିପଡିଥାଏ । କାମର ଅର୍ଥ ହେଉଛି ଗୁଣବତ୍ତା ପୂର୍ଣ୍ଣ କାର୍ଯ୍ୟ, ଏମିତି ହଲି ଟହଲି ବସି ବସି କାର୍ଯ୍ୟ ସମୟକୁ ପୁରା କରିବାରେ କୌଣସି ଔଚିତ୍ୟ ନାହିଁ । ଯଦି କାର୍ଯ୍ୟ ବା କାମ ଗୁରୁତ୍ୱପୂର୍ଣ୍ଣ ତେବେ ବ୍ୟକ୍ତି ସେହିକାର୍ଯ୍ୟକୁ ପୁରା ଠିକ୍ ଭାବରେ ସମ୍ପୂର୍ଣ୍ଣ କରିବା ଆବଶ୍ୟକ । ଆନନ୍ଦ ମହିନ୍ଦ୍ରା କାର୍ଯ୍ୟର ଗୁଣବତ୍ତାର କଥା କହିଛନ୍ତି କାର୍ଯ୍ୟ ସମୟ (ଘଣ୍ଟା)ର ନୁହେଁ । ମହିନ୍ଦ୍ରା କହିଛନ୍ତି କାମ ୪୦ ଘଣ୍ଟା, ୭୦ଘଣ୍ଟା ବା ୯୦ଘଣ୍ଟାର କଥା ନୁହେଁ, କଥା ହେଉଛି କାମର ପରିଣାମ । ହୁଏତ ୧୦ ଘଣ୍ଟାରେ ଭଲ କାମ କରିହେବ । ମହିନ୍ଦ୍ରାଙ୍କ କହିବା ଭୁଲ ନୁହେଁ । କମ୍ପାନୀ ବା ଉଦ୍ୟୋଗରେ ଏମିତି ଲୋକ ରହିବା ଉଚିତ୍ ଯେଉଁମାନେ ସମଗ୍ର ପ୍ରକ୍ରିୟାକୁ ବୁଝିବିଚାରି ନିର୍ଣ୍ଣୟ ନେଇ ପାରିବେ । ମହିନ୍ଦ୍ରାଙ୍କ ମତ ହେଉଛି ଆମ ମସ୍ତିଷ୍କ ସାରା ଦୁନିଆରୁ ଆସୁଥିବା ପରାମର୍ଶ ପାଇଁ ଖୋଲା ରହିବା ଉଚିତ୍ ତେବେ ଯାଇ ଆମେ ଗୁଣବତ୍ତା ଆଡକୁ ଯାଇପାରିବା । ମଣିଷ ପାଖରେ ଚିନ୍ତନ ମନନ ପାଇଁ ପର୍ଯ୍ୟାପ୍ତ ସମୟ ଥିବା ଦରକାର ତେବେ ଆମେ ଗୁଣବତ୍ତା ପୂର୍ଣ୍ଣ କାର୍ଯ୍ୟ କରିପାରିବା ।

ଆନନ୍ଦ ମହିନ୍ଦ୍ରାଙ୍କ ମତ ଏବଂ ଇନ୍‌ଫୋସିସର ନାରାୟଣ ମୂର୍ତ୍ତୀ ଓ ଏଲ ଆଣ୍ଡଟିର ଅଧ୍ୟକ୍ଷ ସୁବ୍ରମଣ୍ୟମଙ୍କ ମତ ଠାରୁ ଭିନ୍ନ । ନାରାୟଣ ମୂର୍ତ୍ତୀ ଏବଂ ସୁବ୍ରମଣ୍ୟମ କର୍ମଚାରୀମାନେ ଅଧିକ ସମୟ (ଘଣ୍ଟା) କାମ କରିବା ସପକ୍ଷରେ ଅଛନ୍ତି । ନାରାୟଣ ମୂର୍ତ୍ତୀ ସପ୍ତାହରେ ୭୦ ଘଣ୍ଟା କାମର କଥା କହୁଥିବା ବେଳେ ସୁବ୍ରମଣ୍ୟମ ୯୦ ଘଣ୍ଟା କାମ କଥା କହୁଛନ୍ତି । ହୁଏତ ଆଉ କେହି ଉଦ୍ୟୋଗପତି ଆହୁରିବି କିଛି କହିପାରନ୍ତି । ସାରା ବିଶ୍ୱର ସମୃଦ୍ଧ ଦେଶମାନଙ୍କରେ ଲୋକେ ୩୩ରୁ ୪୦ ଘଣ୍ଟା କାମ କରି ଖୁସି ଅଛନ୍ତି । ସେସବୁ ଦେଶର ବିକାଶ ମଧ୍ୟ ହେଉଛି । ପ୍ରଶ୍ନ ହେଉଛି ଦେଶର ଉଦ୍ୟୋଗପତି ମାନଙ୍କର ଶ୍ରମିକ/କର୍ମଚାରୀ ମାନଙ୍କ ପ୍ରତି ଏଭଳି ମାନସିକତା କାହିଁକି ? ଶିଳ୍ପପତିମାନଙ୍କୁ ଶ୍ରମିକ/କର୍ମଚାରୀଙ୍କର ଆବଶ୍ୟକତା ରହିଛି ନା ସେମାନେ କ୍ରୀତଦାସ ଚାହୁଁଛନ୍ତି ? ଇନଫୋସିସର ନାରାୟଣମୂର୍ତ୍ତୀଙ୍କ ୭୦ ଘଣ୍ଟାର ମନ୍ତବ୍ୟ ପରେ ଏଲ ଆଣ୍ଡଟିର ଅଧ୍ୟକ୍ଷ ୯୦ଘଣ୍ଟା କାମ କଥା କହିବା ସହ ଶ୍ରମିକ/କର୍ମଚାରୀଙ୍କ ପରିବାର ଉପରେ ମନ୍ତବ୍ୟ ଦେଇ ଘରେ ବସି କଣ କରିବେ, କେତେ ସମୟ ପର୍ଯ୍ୟନ୍ତ ପତ୍ନୀଙ୍କ ମୁହଁକୁ ଦେଖିବେ ଏବଂ ପତ୍ନୀ ତୁମକୁ ଦେଖିବେ ? କାର୍ଯ୍ୟସ୍ଥଳକୁ ଆସ କାମ କରନ୍ତ ବୋଲି ଏକ ଅସମ୍ମାନ ସୂଚକ ବୟାନ ଦେଇଛନ୍ତି ।

ଆମେରିକା ଭଳି ବିକଶିତ ଦେଶରେ ଲୋକ ସପ୍ତାହରେ ୩୮ଘଣ୍ଟା କାମ କରୁଛନ୍ତି । ଆନ୍ତର୍ଯ୍ରତୀୟ ସ୍ତରର ସଂସ୍ଥା ମାନଙ୍କର ତଥ୍ୟ ଅନୁସାରେ ବିକଶିତ ଦେଶ ମାନଙ୍କରେ ଲୋକେ କମ ସମୟ କାମ କରିଥାନ୍ତି । ଲକଜମବର୍ଗ ଭଳି ବିଶ୍ୱର ସମୃଦ୍ଧ ଦେଶରେ ଲୋକେ ସପ୍ତାହରେ ୩୩ ଘଣ୍ଟା କାମ କରିଥାନ୍ତି । ଏଭଳି ସ୍ଥଳେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଆଜିର ଶ୍ରମିକ/ କର୍ମଚାରୀ ମାନେ କ'ଣ 'ଜଙ୍ଗଲୀ ପ୍ରାଣୀ' ଅଟନ୍ତି କି, ଯେଉଁମାନଙ୍କର କିଛି ପାରିବାରିକ ଦାୟୀତ୍ୱ ନାହିଁ ? ଯଦି ଏମାନେ ସପ୍ତାହରେ ୯୦ ଘଣ୍ଟା କାମ କରିବେ ତେବେ ଦୈନିକ ଶୋଇବେ କେତେ ଘଣ୍ଟା, କାର୍ଯ୍ୟସ୍ଥଳର ଫେରି ରାତ୍ରୀଭୋଜନ ସକାଳର ପ୍ରାତଃ ଭୋଜନ ପିଲାଙ୍କୁ ସ୍କୁଲ ଛାଡିବେ, ରୋଗଗ୍ରସ୍ତ ମାତା-ପିତାଙ୍କ ସେବା ବା ସେମାନଙ୍କୁ ଡାକ୍ତର ପାଖକୁ ନେବା, ଘରୁ କାର୍ଯ୍ୟସ୍ଥଳକୁ ଯିବା ଓ କାର୍ଯ୍ୟସ୍ଥଳରୁ ଘରକୁ ଫେରିବା ପରେ ସେମାନଙ୍କ ପାଖରେ କେତେ ସମୟ ବଳକା ରହିବ ? ବାଧହୁଏ ଜୀବନ ମଧ୍ୟ ଛୋଟ ହୋଇଯିବ । ଏଲ୍‌ଆଣ୍ଡଟିର ଅଧ୍ୟକ୍ଷ କେବେ ନିଜର ଦୈନନ୍ଦିନର ଜୀବନଚର୍ଯ୍ୟା ବାବଦରେ ଆତ୍ମ ଚିନ୍ତନ କରିଛନ୍ତି କି ?

ଏଲ ଆଣ୍ଡଟି ଏକ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଏହି କମ୍ପାନୀରେ ପାଖାପାଖି ୬୦ ହଜାର ଶ୍ରମିକ/କର୍ମଚାରୀ କାମ କରୁଛନ୍ତି । ଏଭଳି ଏକ କମ୍ପାନୀର ଅଧ୍ୟକ୍ଷଙ୍କ ସପ୍ତାହରେ ୯୦ ଘଣ୍ଟା କାମର କଥା କହିବା ଏପରିକି ରବିବାର ଦିନ କାମ କରିବା କଥା କହିବା ପଛରେ କିଛି ଅର୍ଥ ଥାଇପାରେ । ଶ୍ରମିକ/କର୍ମଚାରୀ ସପ୍ତାହରେ ୯୦ ଘଣ୍ଟା କାମ କରିବେ କିନ୍ତୁ ବେତନ ପୂର୍ବବତ୍ ରହିବ ଏପରିକି ବାର୍ଷିକ ବେତନ ବୃଦ୍ଧି ୧ରୁ ୭ ପ୍ରତିଶ ହେବ କିନ୍ତୁ ଅଧ୍ୟକ୍ଷଙ୍କ ବେତନ ବାର୍ଷିକ ୫୧.୦୫ କୋଟି ରହିବ । ଏହାର ଅର୍ଥ ପ୍ରତିଦିନ ସୁବ୍ରମଣ୍ୟମଙ୍କ ବେତନ ୧୪ ଲକ୍ଷ ଟଙ୍କା । ତାଙ୍କ ବେତନ ବୃଦ୍ଧି ବାର୍ଷିକ ୪୩ ପ୍ରତିଶତ । କିନ୍ତୁ ତାଙ୍କ କମ୍ପାନୀର କର୍ମଚାରୀଙ୍କ ବାର୍ଷିକ ବେତନ ୯ଲକ୍ଷ ଟଙ୍କା ଭିତରେ ରହିବ । ଏକ ସପ୍ତାହ ସମୁଦାୟ ୧୬୮ ଘଣ୍ଟା । ଏଥିରୁ ୯୦ ଘଣ୍ଟା କାଟିଦେଲେ ବାକି ରହିଲା ୭୮ଘଣ୍ଟା । ଜଣେ ବ୍ୟକ୍ତି ଦୈନିକ ୬ ଘଣ୍ଟାରୁ ୮ଘଣ୍ଟା ଶୋଇବା ଆବଶ୍ୟକ । ଯଦି ୬ଘଣ୍ଟା ଶୋଇବାକୁ ହିସାବ କରାଯାଏ ତେବେ ବ୍ୟକ୍ତି ସପ୍ତାହରେ ୪୨ଘଣ୍ଟା ଶୋଇବା ପରେ ତା ପାଖରେ ବଳକା ୩୬ ଘଣ୍ଟା ରହିବ । ଦିନଚର୍ଯ୍ୟା ଗାଧୋଇବା, ଖାଇବା, କାର୍ଯ୍ୟସ୍ଥଳକୁ ଯିବା ପାଇଁ ପ୍ରସ୍ତୁତ ହେବାର ଦୈନିକ ୪ଘଣ୍ଟା ନିଶ୍ଚୟ ଲାଗିବ ଏଣୁ ସପ୍ତାହକର ବଳକା ଏଇ ୮ଘଣ୍ଟା ମଧ୍ୟରେ ଜଣେ ବ୍ୟକ୍ତି ତା ପରିବାରକୁ କେତେ ସମୟ ଦେବ ?

ଏସବୁକୁ ଦେଖିଲେ ଏକଥା ସ୍ପଷ୍ଟ ଯେ ସପ୍ତାହରେ ୯୦ ଘଣ୍ଟା କାମ କଲେ ବ୍ୟକ୍ତି ଚାପରେ ରହିବ । ଏହି କାରଣରୁ ବ୍ୟକ୍ତିର କାମରେ ମନ ଲାଗିବ ନାହିଁ ଏଣୁ କାମର ଗୁଣବତ୍ତା ନିଶ୍ଚୟ ହ୍ରାସ ପାଇବ । ଅଧିକ ସମୟ କାମ କଲେ ବ୍ୟକ୍ତିର ବୁଝିବା, ଚିନ୍ତା କରିବାର ଶକ୍ତି କମିଚିବ, ମାନସିକ କ୍ଷମତା ମଧ୍ୟ କମିଯିବ । ଅଧିକ ସମୟ କାମ କରାଇ ଉତ୍ପାଦକତା ମଧ୍ୟ ଆଶା କରିବା ବୃଥା । ୯୦ ଘଣ୍ଟା କାମ କରିବାର ଅର୍ଥ ହେଉଛି ବ୍ୟକ୍ତିଙ୍କୁ ନିଜସ୍ୱ କାମ ପାଇଁ ସମୟ ମିଳିବ ନାହିଁ । ଏଣୁ ଡିପ୍ରେସନ ଓ ଚିଡ୍‌ଚିଡ଼ାପଣ ମଧ୍ୟ ବ୍ୟକ୍ତି ମଧ୍ୟରେ ବୃଦ୍ଧି ପାଇବ । ବ୍ୟକ୍ତିର ସ୍ୱାସ୍ଥ୍ୟ ମଧ୍ୟ ବିଗିଡିବ । ଏଣୁ ବ୍ୟକ୍ତି ଘରେ ଓ କାର୍ଯ୍ୟସ୍ଥଳରେ ନିଜର ମାନସିକ ସ୍ଥିତିକୁ ଠିକ୍ ରଖିପାରିବ ନାହିଁ । ଏଣୁ ବ୍ରେନ ଆଟାକ, ହାର୍ଟଆଟାକ ଓ ମାନସିକ ଅସନ୍ତୁଳନ ଭଳି ରୋଗରେ ପିଡୀତ ହେବାର ଆଶଙ୍କା ମଧ୍ୟ ବଢିବ । ଏକ ତଥ୍ୟ ଅନୁସାରେ ଅଧିକ ସମୟ କାମକଲେ ବ୍ୟକ୍ତି/କର୍ମଚାରୀ ଉତ୍ପାଦକତା ମଧ୍ୟ କମ୍ ଦେଇଥାଏ । ଶ୍ରମ ଆଇନ ଅନୁସାରେ ଶ୍ରମିକ/କର୍ମଚାରୀ ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାମ କରିବେ ନାହିଁ । ଏଣୁ ଏଲଆଣ୍ଡଟିର ଅଧ୍ୟକ୍ଷ ସୁବ୍ରମଣ୍ୟମ ଯାହା କହୁଛନ୍ତି ତାହା କ'ଣ ଶ୍ରମ ଆଇନ୍ ଉଲଂଘନ ନୁହେଁ କି ? ଏହା କେମିତି କାର୍ଯ୍ୟ ସଂସ୍କୃତିର କଥା କହୁଛନ୍ତି ସୁବ୍ରମଣ୍ୟମ ? ଶ୍ରମ ଶକ୍ତି ଖୁସିରେ ରହିଲେ ନିର୍ଦ୍ଧାରିତ ସମୟରେ ଉତ୍ପାଦନ ବୃଦ୍ଧି ହୋଇପାରେ । ଏଭଳି ଶୋଷଣ ପ୍ରବୃତ୍ତିର ମାନସିକତା ଠାରୁ ଶିଳ୍ପପତି ମାନେ ଦୁରେଇ ରହିବା ଆବଶ୍ୟକ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ:୯୪୩୮୪୮୫୦୯୪*

# ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ଓ ତ୍ରିଶମ୍ଭୁଙ୍କ ମହାସ୍ନାନ

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୩କିମି ଦୂରରେ ଅବସ୍ଥିତ ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ତୀର୍ଥ କ୍ଷେତ୍ର । ପୁରାଣରେ ବର୍ଣ୍ଣିତ ଅଛି ଯେ ସାତଥର ଗଙ୍ଗା ନଦୀରେ ସ୍ନାନ କରି ମାତା ଗଙ୍ଗାଙ୍କୁ ପୂଜାର୍ଚ୍ଚନା ଓ ଆରାଧନା କଲେ ଯେତିକି ପୂର୍ଣ୍ୟ ପ୍ରାପ୍ତି ହୋଇଥାଏ ଥରେ ମାତ୍ର ପୁଣ୍ୟ ତୋ ତୋୟା ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କଲେ ସେହି ସମାନ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି କିମ୍ବଦନ୍ତୀରୁ ଜଣାଯାଏ । ଏହି ପୁଣ୍ୟ ତୋୟା ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ଠାରେ ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ପ୍ରସିଦ୍ଧ ମାଘସପ୍ତମୀ ବୁଡ ଆୟୋଜିତ ହୋଇଥାଏ । ପୁରୀ ଜିଲ୍ଲାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରେ ଏହା ହେଉଛି ଦ୍ୱିତୀୟ ସର୍ବ ବୃହତ୍ତମ ମେଳା ଭାବେ ଓଡିଶାର ପୁରପଲ୍ଲୀରେ ଖ୍ୟାତି ଲାଭ କରିଛି । ଉତ୍ତର ପ୍ରଦେଶ ଆଲ୍ଲାହାବାଦରେ ଆୟୋଜିତ ହେଉଥିବା କୁମ୍ଭ ମେଳାର ମାହାତ୍ମ୍ୟ ଭାରତୀୟ ଐତିହ୍ୟ ଓ ସଂସ୍କୃତିରେ ଯେତିକି ବିଖ୍ୟାତ ରହିଛି । ସେହିପରି ପୁରୀ ଜିଲ୍ଲା ଚନ୍ଦ୍ରଭାଗା ଠାରେ ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଅନୁଷ୍ଠିତ ହେଉଥିବା ମାଘସପ୍ତମୀ ମେଳାର ମାହାତ୍ମ୍ୟ ଓ ଆଧ୍ୟାତ୍ମିକତା ସେତିକି ରହିଛି ବୋଲି ଭାରତୀୟ ସଂସ୍କୃତିରେ ବେଦ ବେଦାନ୍ତ ଓ ପୁରାଣ ପରମ୍ପରାରୁ ଜଣାଯାଏ । ଚନ୍ଦ୍ରଭାଗା ଏକ ଆଧ୍ୟାତ୍ମିକ ଓ ଧାର୍ମିକ ପରମ୍ପରାର ପୁଣ୍ୟ ତୋୟା ନଦୀ ଭାବରେ ପୁରାଣ ପୃଷ୍ଠାରେ ବିମଣ୍ଡିତ । ମାତ୍ର କାଳକ୍ରମେ କାଳର କରାଳ ଗତିରେ ଏହା କ୍ରମଶଃ ପୋତି ହୋଇଯାଇଛି । ଏହି ତୀର୍ଥର ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ଚନ୍ଦ୍ରଭାଗା ନଦୀର କିଛି ଅଂଶକୁ ଶ୍ରଦ୍ଧାଳୁ ଠାରେ ସ୍ନାନ ନିମନ୍ତେ ଏକ ପୁଷ୍କରଣୀ ଭାବେ ସଂରକ୍ଷିତ କରି ରଖାଯାଇଛି । ଏହି ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ଠାରେ ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ମାଘସପ୍ତମୀ ବୁଡ ଅନୁଷ୍ଠିତ ହୋଇଥାଏ । କାହିଁ କେଉଁ ଆବାହମାନ କାଳରୁ ଏହି ବୁଡ ଚନ୍ଦ୍ରଭାଗା ଠାରେ ଆୟୋଜିତ ହେଉଛି । ପ୍ରାଚୀନ କାଳରେ ଏହି ପବିତ୍ର ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ପବିତ୍ର ମାଘ ସପ୍ତମୀ ଦିନ ଅଷ୍ଟମ ଶମ୍ଭୁ ମାନଙ୍କ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ମହାସ୍ନାନ ପରେ ଦୂର ଦୂରାନ୍ତରୁ ବୁଡ ପକାଇବା ପାଇଁ ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥାନ୍ତି । ମାତ୍ର କାଳକ୍ରମେ ଅଷ୍ଟ ଶମ୍ଭୁଙ୍କ ବଦଳରେ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ସମ୍ପାଦନ ମହାସ୍ନାନ କାର୍ଯ୍ୟ ଧାର୍ମିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ସମ୍ପାଦନ କରାଯାଉଛି । ପବିତ୍ର ମାଘ ଷଷ୍ଠୀ ରାତିରେ ଓଡିଶା ତଥା ଓଡିଶା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ପାଇଁ ସମାଗମ ହୋଇଥାଏ । ଏହି ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥା ଓ ସୁଲଭ ବୁଡ ନିମନ୍ତେ ସ୍ଥାନୀୟ ଓ ପୁରୀ ଜିଲ୍ଲା ପ୍ରଶାସନ ବେଶ ଯତ୍ନବାନ ଓ ତତ୍ପରତା ଭାବେ ଦାୟିତ୍ୱ ତୁଲାଇଥାଏ । ଚଳିତ ବର୍ଷ ମାଘ ସପ୍ତମୀ ବୁଡ଼ ନିମନ୍ତେ ମାଧିପୁର ଗ୍ରାମର ମହାଦେବ ବାବା ତ୍ରିବେଣୀଶ୍ୱର, ସନ୍ତପୁର ଗ୍ରାମର ମହାଦେବ ବାବା ଈଶାଣେଶ୍ୱର ଓ କୁରୁଜଙ୍ଗ ଗ୍ରାମର ମହାଦେବ ବାବା ଦକ୍ଷିଣେଶ୍ୱର ପ୍ରମୁଖ ତ୍ରିଶମ୍ଭୁ ମାଘ ଷଷ୍ଠୀ ସୋମବାର ତାରିଖ ରାତ୍ର ୯ଘ ୪୫ ମିନିଟ ସମୟରେ ନିଜ ପୀଠରୁ ବାହାରି ବିମାନ ବିଜେ କରିବାର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି । ଏହି ଦିନ ରାତ୍ର ୧୧ଘଟିକା ସମୟରେ ସୁସଜ୍ଜିତ ବିମାନରେ ନିଜ ନିଜର ପୀଠରୁ ତ୍ରିଶମ୍ଭୁଙ୍କ ଅର୍ଥାତ ବାବା ତ୍ରିବେଣୀଶ୍ୱର, ବାବା ଈଶାଣେଶ୍ୱର ଓ ବାବା ଦକ୍ଷିଣେଶ୍ୱର ମହାଦେବ ଉଜ୍ଜଳଆଲୋକ ମାଳା ଓ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ, ଘଣ୍ଟ ମର୍ଦ୍ଦଳର ତାଳେ ତାଳେ ଆସି କୋଣାର୍କ ମେଡିକାଲ ଛକ ଠାରେ ସମବେତ ହେବା ପରେ ସେଠାରୁ କୋଣାର୍କ ଏନଏସି ପଡିଆ ସ୍ଥିତ ଭୋଗ ମଣ୍ଡପ ଅଭିମୁଖେ ଯାତ୍ରା କରିବାର ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି । ସେଠାରେ ଧାର୍ମିକ



ଭାଗୀରଥୀ ସ୍ୱାଇଁ

ରୀତିନୀତି ଅନୁଯାୟୀ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ଓ ଭୋଗ ଲାଗି ପରେ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ପରେ ପରେ କୋଣାର୍କ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ତ୍ରିଶମ୍ଭୁଙ୍କ ନିକଟରେ ଚାଟେରୀ ଭୋଗ ଲାଗି ସହ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବାର କାର୍ଯ୍ୟକ୍ରମ ରହିଛି । ରାତ୍ର ୪ଘଟିକା ସମୟରେ ବାବା ତ୍ରିବେଣୀଶ୍ୱର, ଈଶାଣେଶ୍ୱର ଓ ଦକ୍ଷିଣେଶ୍ୱର ମହାଦେବଙ୍କୁ ଗୋପାଳ ସେବକ ମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନେଇ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଠାରେ ତ୍ରିଶମ୍ଭୁଙ୍କ ଅବସ୍ଥାନ ପରେ ତିନି ଠାକୁରଙ୍କ ପୂଜକ ମାନେ ପୁଣ୍ୟ ତୋୟା ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୁଣ୍ୟ ଜଳ ଆଣିବା ପରେ ତ୍ରିଶମ୍ଭୁ ମାନଙ୍କ ପୂଜାର୍ଚ୍ଚନା ଓ ମହାସ୍ନାନ ବିଧି ୪ଟା ୩୭ ମିନିଟ ସମୟରେ ଅନୁଷ୍ଠିତ ହେବ । ଏହାପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ଶୃଙ୍ଖଳିତ ସ୍ନାନ କାର୍ଯ୍ୟ ପାଇଁ ବ୍ୟାରିକେଟ ବ୍ୟବସ୍ଥା କରାଯାଇଛି । ମାଘସପ୍ତମୀ ବୁଡ ନିମନ୍ତେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ତୀର୍ଥ ପୁଷ୍କରିଣୀ ଚତୁର୍ଦ୍ଦିଗ ସମେତ ବିଭିନ୍ନ ସ୍ଥାନରେ ୩୩ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ନେଇ ସୁବନ୍ଦୋବସ୍ତ କରାଯାଇଛି । ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ତୀର୍ଥ ପୁଷ୍କରିଣୀରେ ଓଡିଶା ତଥା ଓଡିଶା ବାହାରୁ ଆସିଥିବା ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଭକ୍ତମାନେ ମାଘ ଷଷ୍ଠୀ ରାତି ୪ଟା ୩୭ ମିନିଟ ସମୟରୁ ମାଘସପ୍ତମୀ ଭୋର ୬ଟା ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ମାଘସପ୍ତମୀ ବୁଡ ପକାଇବାର ସାନ୍ନିଧ ଲାଭ କରିପାରିବେ । ଏହି ପ୍ରସିଦ୍ଧ ଦ୍ୱିତୀୟ ସର୍ବ ବୃହତ ମେଳା ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଖନନ କାର୍ଯ୍ୟ ସଂପାଦନ କରାଯିବା ସହ ବ୍ଲିଚିଙ୍ଗ ପକାଯାଇ ପୁଷ୍କରିଣୀର ଜଳକୁ ବିଶୋଧନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁ ଭକ୍ତମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରି ଅର୍କାଦିତ୍ୟଙ୍କ ପୂଜାର୍ଚ୍ଚନା କରିବା ପରେ ବ୍ୟଞ୍ଜନ ନିଜେ ସେବନ କରି ବଳିଥିବା ଅବଶିଷ୍ଟ ବ୍ୟଞ୍ଜନ ସହ ମାଟି ହାଣ୍ଡିକୁ ତୀର୍ଥ ପୁଷ୍କରିଣୀ ସନ୍ନିକଟ ହାଣ୍ଡି ଭଙ୍ଗା ପୁଷ୍କରିଣୀରେ ହାଣ୍ଡି ଭାଙ୍ଗି ଥାନ୍ତି । ଏହି ପରମ୍ପରା କାହିଁ କେଉଁ ଆବାହମାନ କାଳରୁ ରହି ଆସିଛି । ମାଘସପ୍ତମୀ ସ୍ନାନ ପରେ ଶ୍ରଦ୍ଧାଳୁ ଭକ୍ତମାନେ ସୂର୍ଯ୍ୟୋଦୟ ଦେଖିବାକୁ ସମୁଦ୍ର କୂଳରେ ସମବେତ ହୋଇଥାନ୍ତି । ଚନ୍ଦ୍ରଭାଗା ଠାରେ ସୂର୍ଯ୍ୟୋଦୟ ଦୃଶ୍ୟ ବେଶ ମନୋରମ । ଶ୍ରଦ୍ଧାଳୁ ଭକ୍ତମାନେ ସୂର୍ଯ୍ୟ ନାରାୟଣଙ୍କ ଦର୍ଶନ କରିବା ପରେ ଚନ୍ଦ୍ରଭାଗା ତୀର୍ଥ ଠାରେ ସୂର୍ଯ୍ୟ ନାରାୟଣଙ୍କ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥାନ୍ତି । ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ତୀର୍ଥ ପୁଷ୍କରିଣୀ ଠାରେ ପବିତ୍ର ମାଘସପ୍ତମୀ ତିଥିରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତମାନେ ବୁଡ ପକାଇ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କରିଥାନ୍ତି । କାହିଁ କେଉଁ ଆବାହମାନ କାଳରୁ ଏହି ବୁଡ ଅନୁଷ୍ଠିତ ହେଉଛି । ଭାରତୀୟ ସଂସ୍କୃତିର ମହାନ ପର୍ବ ଓ ଐତିହ୍ୟର ପ୍ରତୀକ ଭାବରେ ଭାରତର କୋଣ ଅନୁକୋଣରେ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ପ୍ରସିଦ୍ଧ ଲାଭ କରିଛି । ମାତ୍ର ସରକାରୀ ଉଦାସୀନତା ଯୋଗୁଁ ଏହି ଭାରତ ବିଖ୍ୟାତ ମାଘସପ୍ତମୀ ବୁଡ ଲୋକ ପ୍ରିୟତା ହେବା ବଦଳରେ ବିଲୁପ୍ତ ହେବାକୁ ବସିଛି । ଉତ୍ତର ପ୍ରଦେଶର କୁମ୍ଭ ମେଳା ଓ ଓଡିଶାର ବରଗଡ ଧନୁଯାତ୍ରା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଭଳି ଭାବେ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା କରାଯାଇଛି । ସେହିପରି ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡର ଲୋକ ପ୍ରିୟତା ଓ ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଶ୍ରଦ୍ଧାଳୁ ଭକ୍ତ ଓ ସେବାୟତ ସମାଜ । ମାଘସପ୍ତମୀ ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ରହିଥାଏ । ନିଶୁଳ୍କ ଥିବାରୁ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳେ ।ଶ୍ରଦ୍ଧାଳୁ ଭକ୍ତମାନେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ଏହାର କାରୁକାର୍ଯ୍ୟ ଓ କଳାକୃତି ବୁଲି ଦେଖିଥାନ୍ତି । ମନ୍ଦିର ପରିଦର୍ଶନ କରିବା ପରେ ଶ୍ରଦ୍ଧାଳୁ ଭକ୍ତମାନେ ପରିବାର ସଦସ୍ୟଙ୍କ ଗ୍ରହ ଶାନ୍ତି ଓ ରିଷ୍ଟ ଖଣ୍ଡନ ନିମନ୍ତେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ କରିଥାନ୍ତି । ଚଳିତ ବର୍ଷ ପବିତ୍ର ମାଘସପ୍ତମୀ ବୁଡ ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ବାବାଙ୍କ ବର୍ଷ ଶ୍ରଦ୍ଧାଳୁ ଭକ୍ତମାନେ ତ୍ରିଶମ୍ଭୁଙ୍କୁ ଦର୍ଶନ ଓ ତୀର୍ଥରେ ବୁଡ ପକାଇବା ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷାରତ ।

*ବରିଷ୍ଠ ସାମ୍ବାଦିକ ତଥା ସଂସ୍କୃତି ସଂଗଠକ, କୋଣାର୍କ, ପୁରୀ, ଓଡିଶା ।*
*ଫୋନ ନଂ - ୯୩୪୮୪୧୮୭୪୩.*

# ମହାକୁମ୍ଭ ମେଳାରେ ଅଘଟଣ

ଉତରପ୍ରଦେଶରେ ପ୍ରୟାଗରାଜରେ ମହାକୁମ୍ଭ ମେଳାରେ ଦଳାଚକଟା ଘଟଣା ପୁଣି ଥରେ କଳାବାଦଲ ଡାଙ୍କି ଦେଇଛି ବୋଲି କୁହାଯାଇପାରିବ । କହିବା ବାହୁଲ୍ୟ ଯେ, ଗତ ୭୦ବର୍ଷ ମଧ୍ୟରେ କୁମ୍ଭମେଳାରେ ଏହା ହେଉଛି ଷଷ୍ଠ ଦଳାଚକଟା ଘଟଣା । ୧୯୫୪ ମସିହାରୁ ୨୦୨୫ ମଧ୍ୟରେ ଛଅଟି କୁମ୍ଭମେଳାରେ ୧୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବା ସତ୍ତ୍ୱେ ଏଥିରୁ ସରକାର କିମ୍ବା ପ୍ରଶାସନ କିଛି ଶିକ୍ଷା କରିପାରିନଥିବା କହିଲେ ଅତ୍ୟୁକ୍ତି ହୋଇନପାରେ । ଉଲ୍ଲେଖ କରାଯାଇପାରେ ଯେ, ଗତ ୨୯ତାରିଖ ଦିନ ମୌନି ଅମାବାସ୍ୟରେ ପବିତ୍ର ସଙ୍ଗମ ଘାଟରେ ସାହି ସ୍ନାନ ବା ବୁଡ ଲାଗି ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ ଯୋଗୁଁ ଦଳାଚକଟାରେ ୩୦ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭୦ଜଣରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ । ପବିତ୍ର ଗଙ୍ଗା, ଯମୁନା ଓ ପୌରାଣିକ ସରସ୍ୱତୀ ନଦୀର ମିଳନ ପୀଠ ଭାବେ ପରିଚିତ ସଙ୍ଗମ ଘାଟରେ ବୁଡ ପକାଇବା ଲାଗି ୧୦କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା । ୨କିଲୋମିଟରରୁ ଅଧିକ ଅଂଚଳ ବ୍ୟାପୀ କୁମ୍ଭମେଳାରେ ସଙ୍ଗମ ଘାଟରେ ବୁଡ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା ଯୋଗୁଁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ଭିଭିଆଇପିଙ୍କ ପାଇଁ ବୁଡ ପକାଇବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ହେତୁ ଅସନ୍ତୁଷ୍ଟ, କ୍ଷୁବ୍ଧ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଧସେଇ ପଶିବା ପାଇଁ ଉଦ୍ୟମ ହୋଇଥିଲା । ସେମାନେ ବ୍ୟାରିକେଟ ଡେଇଁଥିବା ଯୋଗୁଁ ତାହା ଭୁଷୁଡି ପଡିବା ଫଳରେ ବହୁ ଶ୍ରଦ୍ଧାଳୁ ଚାପି ହୋଇ ଏବଂ ଦଳାଚକଟାରେ ମୃତ୍ୟୁବରଣ କରିଥିବା କୁହାଯାଇଥିବାବେଳେ ପବିତ୍ର ଘାଟରେ ବ୍ରାହ୍ମ ମୁହୂର୍ତ୍ତରେ ବୁଡ ପକାଇବା ପାଇଁ ଠେଲାପେଲାରୁ ଏହି ଦୁଃଖଦ୍ ଘଟଣା ଘଟିଥିବା କୁହାଯାଏ । ଆହୁରି ମଧ୍ୟ କୁହାଯାଇଛି ଯେ, ବୁଡ ପକାଇ ଫେରୁଥିବା ଲୋକମାନେ ପ୍ରବଳ ଭିଡ ଯୋଗୁଁ ବାହାରି ପାରିନଥିଲେ । ଫଳସ୍ୱରୂପ ଠେଲା-ପେଲା, ଧକ୍କା ମରାମରି ଯୋଗୁଁ କିଛି ଶ୍ରଦ୍ଧାଳୁ ତଳେ ପଡିଯିବା ଯୋଗୁଁ ଦଳାଚକଟା ଆରମ୍ଭ ହୋଇଥିଲା । କହିବା ବାହୁଲ୍ୟ ଯେ, ଆମ ଦେଶରେ ଧାର୍ମିକ ଉତ୍ସବରେ ଦଳାଚକଟା ଘଟଣା ନୂଆ ନୁହେଁ ଏବଂ କିଛି କମ୍ ମଧ୍ୟ ନୁହେଁ । ଦଳାଚକଟା ସମୟରେ ଆବଶ୍ୟକୀୟ ସୁରକ୍ଷାକର୍ମୀ ଉପସ୍ଥିତ ନଥିବା ଅଭିଯୋଗ ହୋଇଛି । ଉଲ୍ଲେଖ କରାଯାଇପାରେ ଯେ, ଦୀର୍ଘ ୧୪୪ବର୍ଷ ପରେ ପଡିଥିବା କୁମ୍ଭମେଳାରେ ୪୫ରୁ ୫୦କୋଟି ଶ୍ରଦ୍ଧାଳୁଙ୍କ ମହାସମାବେଶ ଘଟିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆକଳନ କରାଯାଇଥିଲା । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ବ୍ୟାପକ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ପକ୍ଷରୁ ଆକଳନ କରାଯାଇଥିଲା । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ବ୍ୟାପକ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବା ସହ ବ୍ୟାପକ ବନ୍ଦୋବସ୍ତ କରିଥିବା କୁହାଯାଇଛି । କିନ୍ତୁ ମୌନୀ ଅମାବାସ୍ୟ ଦିନ ସଂଗମ ଘାଟରେ ପବିତ୍ର ସାହି ସ୍ନାନ ପାଇଁ ରାତି ଅଧରୁ ଅସମ୍ଭାଳ ଭିଡ ଲାଗି ରହିଥିଲା । ରିପୋର୍ଟ ପ୍ରକାଶ ପାଇଛି ଯେ, ଦଳାଚକଟା ସମୟରେ ଦେଢକୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ ପକାଇଥିବାବେଳେ ପୂର୍ବାହ୍ନ ୧୦ଟା ସୁଦ୍ଧା ୩କୋଟି ୬୦ଲକ୍ଷ ଏବଂ ପବିତ୍ର ତିଥିରେ ୧୦କୋଟିରୁ ଉର୍ଦ୍ଧ୍ୱ ଭକ୍ତ ବୁଡ ପକାଇଥିଲେ । ସାଧାରଣ ଭକ୍ତଙ୍କ ଉପରେ ଭିଭିଆଇପିଙ୍କ ଭାରି ପଡିବା ଫଳରେ ଠେଲାପେଲା ହୋଇଥିବା କୁହାଯାଏ । ଭିଡ ପରିଚାଳନାରେ କର୍ତ୍ତୃପକ୍ଷଙ୍କ ଅପରାଗତା ଯୋଗୁଁ ଏଭଳି ଦୁଃଖଦ ଟ୍ରାଜେଡି ଘଟିଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ ଏହି ଘଟଣା ପରେ ରାଜ୍ୟ ସରକାର ଭିଆଇଆଇପି ପାଶଗୁଡିକୁ ରଦ୍ଦ କରିଦେଇଛନ୍ତି । ସ୍ମରଣ କରାଯାଇପାରେ ଯେ, ୧୯୮୬ ମସିହାରେ ହରିଦ୍ୱାରର କୁମ୍ଭମେଳାରେ ଉତରପ୍ରଦେଶର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବୀର ବାହାଦୂର ସିଂହ ବିଭିନ୍ନ ରାଜ୍ୟର ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ସହ ପହଁଚିବା ପରେ ଭିଡ ଅସମ୍ଭାବଳ ହେବା ସହ ଅନିୟନ୍ତ୍ରିତ ହୋଇପଡିଥିଲା । ଫଳରେ ଦଳାଚକଟା ସୃଷ୍ଟି ହେବା ସହ ୨୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା । ଏହା ପୂର୍ବରୁ୧୯୫୪ ମସିହାରେ ପ୍ରଥମ ଥର ପାଇଁ ସ୍ୱାଧୀନ ଭାରତରେ ଅନୁଷ୍ଠିତ କୁମ୍ଭମେଳା ଦେଶବାସୀଙ୍କ ପାଇଁ ଐତିହାସିକ ଥିଲା । ମୌନୀ ଅମାବାସ୍ୟାରେ ସାହି ସ୍ନାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ଭିଡ ନିୟନ୍ତ୍ରଣ ପାଇଁ ଅନଭିଜ୍ଞତା ଏବଂ ଭିଆଇପି ସଂସ୍କୃତି ଯୋଗୁଁ ଦଳାଚକଟାରେ ୮୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା । ୧୯୫୪ ମସିହା ପରେ ଇତି ମଧ୍ୟରେ ୬ଥର କୁମ୍ଭମେଳା ଅନୁଷ୍ଠିତ ହୋଇସାରିଲାଣି । କୌଣସି ଥର ବିନା ଅଘଟଣାରେ କୁମ୍ଭମେଳା ସମ୍ପନ୍ନ ହୋଇପାରିନଥିବା ରିପୋର୍ଟ କହେ । ଏଥର ୧୪୪ବର୍ଷର ବ୍ୟବଧାନରେ ମହାକୁମ୍ଭମେଳା ପଡିଛି ଏବଂ ଏଥିରେ ୪୫ଦିନ ମଧ୍ୟରେ ୫୦କୋଟିରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଲାଗିବା ନେଇ ରାଜ୍ୟ ସରକାର ଆକଳନ କରିଥିବାବେଳେ ଭିଡ ପରିଚାଳନାରେ ସରକାର ଓ ପ୍ରଶାସନର ଅପରାଗତାକୁ ପଦାରେ ପକାଇ ଦେଇଛି । ସରକାର ଅତୀତ ଘଟଣାବଳୀରୁ କିପରି କିଛି ଶିକ୍ଷା କରିପାରିଲେ ନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ମହାକୁମ୍ଭମେଳା ମାତ୍ର ୧୫ଦିନ ଅତିକ୍ରମ କରିଛି । ଆଗକୁ ଆହୁରି ୩୦ଦିନ ଥିବା ବାକି ଥିବାବେଳେ ଶ୍ରୀପଂଚମୀ, ମାଘ ସପ୍ତମୀ, ମହାଶିବରାତ୍ରୀ ଭଳି ପବିତ୍ର ତିଥି ରହିଛି, ଯେଉଁ ତିଥିରେ ସାହି ସ୍ନାନ ପଡୁଥିବାରୁ ଅସମ୍ଭାଳ ଭିଡର ଆଶଙ୍କା କରାଯାଉଛି । ଆଗକୁ ଯେପରି ଅଘଟଣର ପୁନରାବୃତି ନହୁଏ, ସେଥିପ୍ରତି ଉଭୟ ସରକାର ଶ୍ରଦ୍ଧାଳୁ ସତର୍କ ହେବା ଜରୁରୀ ।

*ସୌଭାଗ୍ୟ ରଂଜନ ମହାନ୍ତି(ରାଜା),*
*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଟ୍ରମ୍ପଙ୍କ ବିଜୟ ପରେ (୧)

**ସୌମେନ୍ଦ୍ର ଜେନା**

ଦ୍ୱିତୀୟଥର ପାଇଁ ଡୋନାଲଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏବେ ଚର୍ଚ୍ଚାରେ ରହିଛନ୍ତି । ଯେମିତି ଆମେରିକାକୁ ଟିକସ ଶୂନ୍ୟ ରାଷ୍ଟ୍ରକରି ଗଢି ତୋଳିବା ଲାଗି ସେ ଘୋଷଣା କରିଛନ୍ତି । ଦେଶରୁ ବେଆଇନ ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ ବିମାନରେ ଭରି ଦେଶ ବାହାରକୁ ପଠାଇବାରେ ଲାଗିଛନ୍ତି । ତାଙ୍କର ଏହି କାର୍ଯ୍ୟ ପରେ ରାଷ୍ଟ୍ରଗୁଡିକ ସେମାନଙ୍କ ନାଗରିକମାନଙ୍କୁ ଆମେରିକାରୁ ଫେରାଇ ନେବେ ବୋଲି ଟ୍ରମ୍ପ ବିଚାର କରୁଛନ୍ତି । ଏସବୁ ସତ୍ତ୍ୱେ ଟ୍ରମ୍ପଙ୍କ ସଂପର୍କ ଅନେକ ରାଷ୍ଟ୍ରସହ ଭଲ ରହିଛି । ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଯେ ଆମେରିକାର ଶାସନରେ ଟ୍ରମ୍ପ ଥିଲେ ୟୁକ୍ରେନ ସହ ଯୁଦ୍ଧ ହୋଇନଥାନ୍ତା । ଏପରିକି ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଜାଲିଆତି କରି ଟ୍ରମ୍ପଙ୍କୁ ପରାଜିତ ବୋଲି ଘୋଷଣା କରାଯାଇଥିବା ବିଷୟ ପୁଟିନ କହିଛନ୍ତି । ରୁଷିଆ -ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବାକୁ ଆମେରିକାର ସମସ୍ତ ପ୍ରକାର ସହାୟତା ଟ୍ରମ୍ପ ବନ୍ଦ କରିଛନ୍ତି । ତାଙ୍କର ଯୋଜନା ହେଉଛି ଜେଲେନସ୍କିଙ୍କୁ ଆଲୋଚନା ପାଇଁ ବାଧ କରିବା । କିନ୍ତୁ କ୍ଷମତାରୁ ଯିବା ପୂର୍ବରୁ ଜୋ ବାଇଡେନ୍ ଯୁଦ୍ଧକୁ ଚାଲୁ ରଖିବା ପାଇଁ ଶେଷ ମୁହୂର୍ତ୍ତରେ ଅନେକ ଯୁଦ୍ଧାସ୍ତ୍ର ୟୁକ୍ରେନକୁ ଦେଇଯାଇଛନ୍ତି । କିଛି ମାସ ଧରି ଏହି ଯୁଦ୍ଧ ଚାଲୁ ରହିପାରେ । ଏପରିକି ୟୁରୋପୀୟ ୟୁନିଅନ୍ ମଧ୍ୟ ଏହି ଯୁଦ୍ଧକୁ ଚାଲୁ ରଖିବାଲାଗି ଯୁଦ୍ଧାସ୍ତ୍ର ସହାୟତା ମଧ୍ୟ ୟୁକ୍ରେନକୁ କରିପାରନ୍ତି । କାରଣ ଅତୀତ ବର୍ଷମାନଙ୍କରେ ଟ୍ରମ୍ପଙ୍କ ସହ ୟୁରୋପୀୟ ରାଷ୍ଟ୍ରଗୁଡିକର ସଂପର୍କ ସେମିତି ଭଲ ନଥିଲା । ନାଟୋ ମାମଲାରେ ଦୁଇପକ୍ଷ ଅତୀତ ବର୍ଷମାନଙ୍କ ପରି ଆଗାମୀ ଦିନରେ ମୁହାଁମୁହିଁ ହେବାର ସମ୍ଭାବନା ରହିଛି । ଏହାଛଡା ଏଚ୍-୧ ବି ଭିସା ମାଧ୍ୟମରେ ଆମେରିକାକୁ ଯାଉଥିବା ଲୋକେ ୬ବର୍ଷ ପାଇଁ କାର୍ଯ୍ୟ କରିବାର ନିୟମ ଥିଲେ ମଧ୍ୟ ଗ୍ରୀନ କାର୍ଡ ମାଧ୍ୟମରେ ଅଧିକ ବର୍ଷ ରହିବାକୁ ଲୋକେ ଚେଷ୍ଟା କରି ଆଇ-୧୪୦ ମାଧ୍ୟମରେ ସ୍ଥାୟୀ ବାସିନ୍ଦା ହେବା ପାଇଁ ପ୍ରୟାସ କରୁଛନ୍ତି, ଯାହାକୁ ଟ୍ରମ୍ପ ପସନ୍ଦ କରୁନାହାନ୍ତି । ତାଙ୍କ କହିବା କଥା ହେଲା ବିଦେଶରୁ ଆସୁଥିବା ଲୋକଙ୍କ ମଧ୍ୟରୁ ୬୨ ପ୍ରତିଶତ ସ୍ଥାନୀୟ ଲୋକେ ପାଉଥିବା ବେତନଠାରୁ କମ୍ ପାଉଛନ୍ତି । କମ୍ପାନୀମାନେ ସ୍ଥାନୀୟ ଲୋକ ନିର୍ଦ୍ଦିଷ୍ଟ ଚାକିରୀ ପାଇଁ ନଥିବାର ଦର୍ଶାଇବା ପରେ ବିଦେଶୀ କର୍ମଚାରୀମାନଙ୍କୁ ଗ୍ରହଣ କରିବା ଦରକାର ବୋଲି ଟ୍ରମ୍ପଙ୍କ ମତ । ଆମେରିକାରୁ ବେରୋଜଗାରୀ ହ୍ରାସ କରିବା ହେଉଛି ଟ୍ରମ୍ପଙ୍କ ଲକ୍ଷ୍ୟ । କମ୍ପାନୀମାନେ ସ୍ଥାନୀୟ ଲୋକଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରନ୍ତୁ ବୋଲି ଟ୍ରମ୍ପ କହୁଛନ୍ତି । ସେମାନେ କହିଛନ୍ତି ଯେ ଟ୍ରମ୍ପଙ୍କ କାର୍ଯ୍ୟ ସେମାନଙ୍କ ସପକ୍ଷରେ ରହିବ । ଭାରତ ଏବଂ ଭାରତୀୟଙ୍କ ପ୍ରତି ଟ୍ରମ୍ପଙ୍କ ଶ୍ରଦ୍ଧା ଅତୀତ ଦିନମାନଙ୍କରେ ରହିଆସିଛି, ଯାହା ଆଗାମୀ ଦିନରେ ମଧ୍ୟ ରହିବ ବୋଲି ଆଶା ରହିଛି । ୨୦ ଜାନୁଆରୀ ୨୦୨୫ରେ ଆମେରିକାର ୪୭ତମ ନବ ନିର୍ବାଚିତ ରାଷ୍ଟ୍ରପତି ଭାବେ ଡୋନାଲ୍‌ଡ ଟ୍ରମ୍ପ ଶାସନ ଦାୟିତ୍ୱ ଗ୍ରହଣ କଲାପରେ ବିଶ୍ୱରାଜନୀତିରେ କେତେକ ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି । କାରଣ ନିଜ ନିର୍ବାଚନ ପ୍ରଚାର କାଳରେ ଜୋ ବାଇଡେନଙ୍କ ସରକାରର ଅନେକ ନୀତିକୁ ଟ୍ରମ୍ପ ବିରୋଧ କରିଥିଲେ । ତଦନୁଯାୟୀ କ୍ଷମତାକୁ ଆସିଲାପରେ ସେ ବାଇଡେନଙ୍କ ନୀତିକୁ ବଦଳାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏବେ ଆମେରିକାର ବିଶ୍ୱନୀତି ବଦଳିବା ସହ ଭାରତ ପ୍ରତି ଦୃଷ୍ଟିକୋଣ ବଦଳିବ ବୋଲି କୁହାଯାଉଛି । ବାଇଡେନଙ୍କ ସମର୍ଥକ କଂଗ୍ରେସ ଦଳ ଭାରତରେ ପ୍ରଚାର କଲା ଯେ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରାଗଲା ନାହିଁ । କିନ୍ତୁ ବିଦେଶ ନୀତି ସଂପର୍କରେ ଧାରଣା ଥିବା ଲୋକ କହିବ ଯେ ଟ୍ରମ୍ପ କାହିଁକି ମୋଦୀଙ୍କୁ ନିମନ୍ତ୍ରଣ କଲେ ନାହିଁ । ପ୍ରୋଟୋକଲ ଅନୁଯାୟୀ ଅନ୍ୟ ରାଷ୍ଟ୍ରର ଶପଥ ଗ୍ରହଣ ଉତ୍ସବକୁ ରାଷ୍ଟ୍ରର ଶାସନମୁଖ୍ୟ ସବୁବେଳେ ଯିବାର ନଜିର ନାହିଁ । ଅନ୍ୟମନ୍ତ୍ରୀ ଏବଂ ବିଦେଶମନ୍ତ୍ରୀ ମଧ୍ୟ ସେସବୁ ଉତ୍ସବରେ ରାଷ୍ଟ୍ରର ପ୍ରତିନିଧି ଭାବେ ଯୋଗଦାନ କରିଥାନ୍ତି । ଆଗାମୀ ଦିନରେ ରୁଷିଆର ରାଷ୍ଟ୍ରପତି ପୁଟିନ ଭାରତକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ହେତୁ ଭାରତ ତାଙ୍କ ଗସ୍ତର ଗୁରୁତ୍ୱକୁ ହ୍ରାସ କଲାପରି କୌଣସି କାର୍ଯ୍ୟ କରିବ ନାହିଁ । ବ୍ରିକ୍ସ, ସାଂଘାଇ ଅର୍ଗାନାଇଜେସନ ଗୋଷ୍ଠୀରେ ଥିବା ଭାରତ ପ୍ରତି ରୁଷିଆର ଦୃଷ୍ଟିକୋଣ ପାକ୍-ଚୀନ ତୁଳନାରେ ଭିନ୍ନ ରହିଛି । ଅତୀତରେ ରୁଷିଆ ଅନେକ କ୍ଷେତ୍ରରେ ଭାରତକୁ ଆନ୍ତର୍ଜାତିକ କ୍ଷେତ୍ରରେ ସହଯୋଗ କରିଆସିଛି । ତେଣୁ ଟ୍ରମ୍ପ ମୋଦୀଙ୍କୁ ନିମନ୍ତ୍ରଣ ଦେଇଥିଲେ ମଧ୍ୟ ମୋଦୀ ଯିବାର ସମ୍ଭାବନା ନଥିଲା । କାରଣ ଚଳିତ ବର୍ଷ ଭାରତରେ କ୍ୱାଡ ଗୋଷ୍ଠୀର ବୈଠକ ହେବାର ରହିଥିବା ହେତୁ ଟ୍ରମ୍ପ ଭାରତକୁ ଗସ୍ତରେ ଆସିବେ । ତା ପୂର୍ବରୁ ପୁଟିନ ଭାରତଗସ୍ତ କରିସାରିଥିବେ । ଟ୍ରମ୍ପ ଶାସନ ଦାୟିତ୍ୱ ଗ୍ରହଣ କଲାପରେ ନିଜ ପ୍ରତିଶ୍ରୁତି ଅନୁଯାୟୀ ଦେଶର ଦକ୍ଷିଣରେ ଥିବା ମେକ୍‌ସିକୋ ସୀମାରେ ଜରୁରୀ ପରିସ୍ଥିତି ଜାରି କରିଛନ୍ତି । ଫଳରେ ସୀମା ନିକଟରେ ସଂଖ୍ୟାଧିକ ଲୋକଙ୍କ ମେଳକୁ ବିରୋଧ କରି ଗୁଳି କରାଯିବ । ଅନୁପ୍ରବେଶର ଏହି ମାର୍ଗକୁ ବନ୍ଦ କରିବାକୁ ଆଗାମୀ ଦିନରେ ଇସ୍ରାଏଲ ଡା□ାରେ ଢଳେଇ ପ୍ରାଚୀର ନିର୍ମାଣ କରିବାକୁ ଟ୍ରମ୍ପ ଲକ୍ଷ୍ୟ ରଖିଛନ୍ତି । ଫଳରେ ଭାରତରୁ ଏହି ମାର୍ଗ ଦେଇଯାଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇବ । ଏହାଛଡା କାନାଡାବାସୀଙ୍କୁ ମଧ୍ୟ ଟ୍ରମ୍ପ ନିୟନ୍ତ୍ରିତ କରିବାକୁ ଘୋଷଣା କରିଛନ୍ତି । ଫଳରେ କାନାଡା ପଟରୁ ଆମେରିକାକୁ ଅନପ୍ରବେଶ ହ୍ରାସ ପାଇବ । ଏହି ରାସ୍ତାବାଟ ଦେଇ ଅନେକ ଭାରତୀୟ ପ୍ରଥମେ କାନାଡା ଯାଇ ସେଠାରୁ ଆମେରିକାକୁ ଦଲାଲଙ୍କ ମାଧ୍ୟମରେ ପ୍ରବେଶ କରୁଥିଲେ । ଏହାଛଡା ଟ୍ରମ୍ପଙ୍କ ନାଗରିକତା ନୀତି ଅନୁଯାୟୀ ଜନ୍ମ ମାଧ୍ୟମରେ ଶିଶୁମାନେ ଆଗାମୀ ଦିନରେ ନାଗରିକତ୍ୱ ଦାବି କରିପାରିବେ ନାହିଁ । ସେହିପରି ଯେଉଁ ଭାରତୀୟ ଚାକିରୀ ଭିସା ନେଇ ଆମେରିକାକୁ ଏଚ-୧ ବି ଭିସାରେ ଯାଉଥିଲେ କିମ୍ବା ଯେଉଁମାନେ ଗ୍ରୀନ କାର୍ଡ ଅପେକ୍ଷାରେ ରହିଛନ୍ତି, ସେମାନେ ମଧ୍ୟ ଆମେରିକାର ନାଗରିକତ୍ୱ ହାସଲ କରିପାରିବେ ନାହିଁ । ୨୧ ଜାନୁଆରୀ ଦିନ ଟ୍ରମ୍ପ ଏ ସଂପର୍କରେ ଏକ କାର୍ଯ୍ୟନିର୍ବାହୀ ଆଦେଶ ଜାରି କରିଛନ୍ତି । ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରୁ ଜଣେ ଆମେରିକାର ସ୍ଥାୟୀ ବାସିନ୍ଦା ହୋଇଥିବେ କିମ୍ବା ସେନାରେ ଚାକିରୀ କରିଥିବେ ତେବେ ସେମାନଙ୍କ ପିଲା ସେଠାରେ ନାଗରିକତ୍ୱ ଲାଭ କରିପାରିବେ । ୧୮୬୮ରୁ ଆମେରିକାରେ ଜନ୍ମ ଆଧାରରେ ନାଗରିକତା ମିଳିଆସୁଥିଲା । ଟ୍ରମ୍ପଙ୍କ ଏହି ଆଦେଶ ଯୋଗୁ ଆମେରିକାରେ ରହୁଥିବା ୪୮ଲକ୍ଷ ଭାରତୀୟ ପ୍ରଭାବିତ ହେବେ । ଅନେକ ଭାରତୀୟ ଲୋକ ଆମେରିକାର ଗ୍ରୀନକାର୍ଡ ପାଇବା ଆଶାରେ ରହିଛନ୍ତି । ସେମାନଙ୍କୁ ମଧ୍ୟ ନିରାଶ ହେବାକୁ ପଡିବ । ଯେଉଁମାନେ ଜନ୍ମ- ପର୍ଯ୍ୟଟନ ଆଧାରରେ ଆମେରିକା ଗସ୍ତ କରୁଥିଲେ ସେମାନଙ୍କ ରାସ୍ତା ବନ୍ଦ ହୋଇଯିବ । ଯେଉଁ ଭାରତୀୟ ଛାତ୍ରଛାତ୍ରୀ ଏଫ-୧ ବି ଭିସାରେ ଆମେରିକାକୁ ଯାଇ ରହୁଥିଲେ ସେମାନେ ମଧ୍ୟ ନିଜ ପିଲାଙ୍କୁ ସେଠାରେ ନାଗରିକତ୍ୱ ପ୍ରଦାନ ପାଇଁ ଦାବି କରିପାରିବେ ନାହିଁ । ଟ୍ରମ୍ପଙ୍କ ଏହି ନୀତିକୁ ବିରୋଧ କରାଯାଇ ଭିନ୍ନ ଭିନ୍ନ ରାଜ୍ୟରେ ମାମଲାମାନ ଦାଖଲ ହେବା ପରେ କୋର୍ଟ ଟ୍ରମ୍ପଙ୍କ ଆଦେଶ ଉପରେ କଟକଣା ଜାରି କରିଛନ୍ତି । ଟ୍ରମ୍ପଙ୍କ ଏହି ନୀତି ଯୋଗୁ ଭାରତ-ଆମେରିକା ବନ୍ଧୁତା ପ୍ରଭାବିତ ହେବା ସହ ଆମେରିକା ପ୍ରତି ଆକର୍ଷଣ ମଧ୍ୟ ହ୍ରାସ ପାଇବ । ୱାସିଂଟନ ଡିସିର କ୍ୟାପିଟାଲ ୱାନ୍ ଏରେନାଠାରେ ବକ୍ତବ୍ୟ ଦେଇ ଟ୍ରମ୍ପ ୧୯ ଜାନୁଆରୀ ଦିନ ଘୋଷଣା କରିଥିଲେ ଯେ ଆମେରିକାକୁ ପୁନର୍ବାର ଶ୍ରେଷ୍ଠ ରାଷ୍ଟ୍ର କରି ଗଢି ତୋଳିବେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକା ବାହାରି ଯିବା ଦ୍ୱାରା ଏହି ସଂଗଠନର ଆର୍ଥିକ ବ୍ୟବସ୍ଥା ଦୁର୍ବଳ ହୋଇପାରେ । ସେ କ୍ଷେତ୍ରରେ ଚୀନ, ଭାରତପରି ରାଷ୍ଟ୍ରଗୁଡିକର ମହତ୍ୱ ବଢିବାର ସମ୍ଭାବନା ରହିଛି । ଆମେରିକାର ସେନାବାହିନୀରେ ଥିବା ମୌଳବାଦୀ ବିଚାରକୁ ନଷ୍ଟ କରିବା ପାଇଁ ଟ୍ରମ୍ପ ଘୋଷଣା କରିଛନ୍ତି । ଯଦ୍ୱାରା ଭାରତର ଲାଭ ହୋଇପାରେ । କାରଣ ଇରାନ ଉପରେ ଏକ ସଂଗଠିତ ଆକ୍ରମଣ କରିବା ପାଇଁ ଇସ୍ରାଏଲର ନେତାନ୍ୟାହୁ ସରକାର ଯେଉଁ ଯୋଜନା ବାଇଡେନଙ୍କ ସରକାରକୁ ପୂର୍ବରୁ ଜଣାଇଥିଲେ ତାକୁ ଜଣେ ଆମେରିକୀୟ ମୁସଲିମ ସିଆଇଏ ଏଜେଣ୍ଟ ଇରାନ ସରକାରଙ୍କୁ ଯୋଗାଇ ଦେବା ଫଳରେ ଆକ୍ରମଣ ପୂର୍ବରୁ ଇରାନ ସରକାର ସାଧାରଣରେ ସେହି ଯୋଜନାକୁ ପ୍ରକାଶକରି ଦେଇଥିଲେ । ଯଦ୍ୱାରା ଇସ୍ରାଏଲ ସରକାର ଇରାନ ଉପରେ ଆକ୍ରମଣ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ବାଧ ହୋଇଥିଲେ । ଫଳରେ ଆମେରିକାର ଏହି ବିଶ୍ୱାସଘାତୀ କାର୍ଯ୍ୟକୁ ଇସ୍ରାଏଲ ସରକାର ଯେପରି ଆଗାମୀ ଦିନରେ ଭୁଲିବେ ନାହିଁ,ସେମିତି ଭାରତ ସମେତ ଅନେକ ରାଷ୍ଟ୍ର ଆମେରିକାକୁ ଗୋପନୀୟ ତଥ୍ୟ ପ୍ରଦାନ କରିବାକୁ ସଂକୋଚ କରିବେ, ଯାହାକି ଦୁଇଦେଶ ମଧ୍ୟରେ ପୂର୍ବର ବୁଝାମଣାକୁ ପ୍ରଭାବିତ କରିବ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ସାହିତ୍ୟ ଦର୍ପଣ



## ମୁଣ୍ଡ ଗୁଞ୍ଜିବାର ଜାଗା



ସୁଦର୍ଶନ ମହାପାତ୍ର

କଲିକତାରେ ଗୋଟିଏ ପ୍ରାଇଭେଟ୍ ପେଣ୍ଟସ୍ କମ୍ପାନୀରୁ ବାପା ଛଟେଇ ହେଲା ବେଳକୁ ତାଙ୍କର ହାତ ଶୂନ୍ୟ ଅବସ୍ଥା।ନା ଥିଲା ପେନସନ ନା ଗ୍ରାଚୁଇଟି। ସୀମିତ ଆୟ ଭିତରେ ତିନିଟି ପିଲାଙ୍କୁ ମଣିଷ କରିବା ଚେଷ୍ଟାରେ ଇଚ୍ଛାକୃତଃ କୌଣସି ତ୍ରୁଟି କରିନଥିଲେ ବାପା। ତେଣୁ ମୋ ରୋଜଗାର ଉପରେ ପରିବାର ର ଆଶା ରହିବା ସ୍ୱାଭାବିକ।

ବିଏସସି ପାସ କଲା ପରେ କମ୍ପୁଟର ଡିପ୍‌ଲୋମା ସାର୍ଟିଫିକେଟ ଧରି ମୁଁ କଲିକତାରେ ପହଞ୍ଚିଲି ଆଉ ବାପାଙ୍କର ଜଣେ ପରିଚିତ ବ୍ୟକ୍ତିଙ୍କ ଜରିଆରେ ଗୋଟିଏ ଫାର୍ମରେ କମ୍ପ୍ୟୁଟର ଅପରେଟର ଭାବରେ ଯୋଗ ଦେଲି।

ବାପା କଲିକତାରେ ରହୁଥିବା ଗୋଟିଏ ଝରକା ବିହୀନ ଖପରୁଲି ଘରେ ରହି ନିଜର ଚାକିରି କାଳ ଶେଷ କଲାବେଳକୁ ମୁଁ ସେଇ ଘରେ ମୋ ଚାକିରି ଜୀବନ ଆରମ୍ଭ କରିଥିଲି। ଅବଶ୍ୟ ବାପା ସର୍ବାନ୍ତଃକରଣରେ ଚାହୁଁ ନଥିଲେ ମୁଁ ସେଇଠି ର ?ହେ ବୋଲି। ହେଲେ ଉପାୟ ଶୂନ୍ୟ ! ସେଇ ଆଠ ବାଇ ଦଶ ଘରେ ବର୍ଷା ହେଉଥିବା ଦିନ ମାନଙ୍କରେ ରାତି କଟାଉଥିବା ବେଳେ ଗରମ ଦିନରେ ସେଇ ଘରୁ ରାସ୍ତା ପର୍ଯ୍ୟନ୍ତ ଲମ୍ବିଥିବା ତିନି ଫୁଟ ଚଉଡାର ଗଳି ରାସ୍ତାକୁ ଶୋଇବାର ସ୍ଥାନ ହିସାବରେ ବାଛି ଥିଲି। ଅବଶ୍ୟ ମୋ ସହ ଅନ୍ୟ ପାଞ୍ଚ ଛଅ ଜଣ ସେଇ ଗଳିରେ ହିଁ ରାତି ପୁହାଉଥିଲେ।

ସେଇ ଚାକିରିରେ ପ୍ରାୟ ଗୋଟିଏ ବର୍ଷ ପୂରିବା ବେଳକୁ ଗୋଟିଏ ମେଡିସିନ କମ୍ପାନୀର ରିପ୍ରେଜେଣ୍ଟେଟିଭ ଚାକିରି ଟିଏ ପାଇ ଓଡ଼ିଶା ଫେରି ଆସିଥିଲି।ପୋଷ୍ଟିଙ୍ଗ ହେଡକ୍ୱାର୍ଟର୍ସ ଷ୍ଟିଲ ସିଟି ରାଉରକେଲା।

ଭୁବନେଶ୍ୱରରେ ଯଥାଯଥ ଟ୍ରେନିଂ ନେଇ ପହଞ୍ଚିଲି ଯାଇ ରାଉରକେଲାରେ। ସାଙ୍ଗରେ ନେଇ ଯାଇଥିଲି ମଉସାଙ୍କ ଝିଅ ବାହାଘର ପରେ ର?ହୁଥିବା ଘରର ଠିକଣା। ଆଗରୁ ଅବଶ୍ୟ ମାଉସୀ ବନ୍ଦିତା ଅପାଙ୍କୁ ମୋ ବିଷୟରେ ଖବର ଦେଇଥିଲେ।ଅପାଙ୍କ ସ୍ୱାମୀଙ୍କର ଷ୍ଟେଟ ବ୍ୟାଙ୍କରେ ଚାକିରି। ନିଜ ଘର ସେଠି।

ସେଇଠି ରହିବାର ପନ୍ଦର ଦିନ ଗଡ଼ି ଯାଇଥିଲା ଅଥଚ ମନକୁ ପାଇଲା ଭଳି ଘରଟିଏ ସେପର୍ଯ୍ୟନ୍ତ ଯୋଗାଡ କରି ପାରିନଥିଲି।ଆଶ୍ରୟ ନେଇଥିବା ଘରେ ଅଶାନ୍ତି ନିଆଁ କୁହୁଳିବାର ଆଭାସ ପାଇଲି। ତେଣୁ ସକାଳୁ ନିଜ କାମରେ ବାହାରି ପୁଣି ରାତିକୁ ଫେରିଲା ବେଳକୁ ଖିଆପିଆ କାମ ଶେଷ କରି ହିଁ ଫେରିଥାଏ। ଉଦ୍ଦେଶ୍ୟ ଅପାଙ୍କୁ ହଇରାଣ ନକରିବା। ଏମିତି ତ ଯେତେ ମନା କଲେ ବି ବନ୍ଦିତା ଅପା ସକାଳୁ କିଛି ନଖୋଇ ଛାଡୁନଥିଲେ।

ଇତି ମଧ୍ୟରେ ରାସ୍ତାରେ ଥରେ ଦେଖା ହୋଇଗଲା ସ୍କୁଲ ବେଳର ସାଙ୍ଗ ଅନନ୍ତ ସହିତ। ସେ ଯେ ସପ୍ତମରୁ ପାଠ ଛାଡି ଆସି ରାଉରକେଲାରେ ପାଣି ପାଇପ ମିସ୍ତ୍ରୀ ହୋଇ ଯାଇଥିଲା ମୋତେ ଜଣାନଥିଲା। ମୋ ପାଇଁ ଘରଟିଏ ବୁଝି ଦେବାକୁ ତାକୁ ଅନୁରୋଧ କରି ଦିନେ ତା ବସାରୁ ଫେରିଲି। ଏମିତି ଆଉ ଚାରି ପାଞ୍ଚ ଦିନ କଟିଲା ବେଳକୁ ଦିନେ ଅପାଙ୍କ ଘରେ ପହଞ୍ଚିଲେ ମାଉସୀ। ସେଇଦିନ ରାତିରେ ହିଁ ସେ ମୋତେ ସେଠୁ ଛାଡି ଅନ୍ୟତ୍ର ରହିବାର ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଲେ। ମୋତେ ଲାଗିଲା ସେ ଯେମିତି ଆସି ପହଞ୍ଚିଛନ୍ତି ମୋ ଲାଗି ତାଙ୍କ ଝିଅ ଘରେ ଉପୁଜୁଥିବା ଅଶାନ୍ତି କୁ ଦୂର କରିବାକୁ।

' ଘର ମୁଁ ବୁଝି ଆସିଛି ଆଉ ଏଇ ସଙ୍ଗେ ସଙ୍ଗେ ବାହାରିବି' କହି ମୁଁ ମୋ ଜିନିଷପତ୍ର ପ୍ୟାକିଂ କଲି।'କାଲି ସକାଳେ ଯିବୁ' ର ବନ୍ଦିତା ଅପାଙ୍କ ଅନୁରୋଧକୁ ଉପେକ୍ଷା କରି ସେଇ କ୍ଷଣି ଘର ଛାଡିଲି। ମାଉସୀଙ୍କ ମୁହଁ ଉଦାସ ଦିଶୁଥିଲା ସେତେବେଳକୁ... !!

ମୋ ଲକ୍ଷ୍ୟସ୍ଥଳ ଥିଲା ସାଙ୍ଗ ଅନନ୍ତ ର ବାସସ୍ଥଳୀ। ଦୁଇଟି ବ୍ୟାଗ କାନ୍ଧରେ, ସେଥିରୁ ଗୋଟିକରେ କମ୍ପାନୀର ମେଡ଼ିସିନ୍ ସାମ୍ପଲ ସବୁ,ଗୋଟିଏ ହାତରେ ବ୍ରିଫକେଶ ଆଉ ଆର ହାତରେ କମ୍ପାନୀର ବ୍ୟାଗ। ସେଇ ସମୟରେ ଅଟୋ ଟିଏ ପାଇଲିନି ତ ଚାଲିବା ଆରମ୍ଭ କଲି। ଦୁଇ କିଲୋମିଟର ହେବ ବାଟ କିନ୍ତୁ ମୁଁ ଅନାୟାସରେ ଅତିକ୍ରମ କରିଗଲି। ଅନନ୍ତ ପାଖରେ ପହଞ୍ଚିଲା ବେଳକୁ ରାତି ସାଢେ ଦଶ। କବାଟ ନକ୍ କଲି। -' ଆରେ ପ୍ରଦୀପ , ତୁ ! ଏତେ ରାତିରେ..! ହଉ ଆ !'

ଅନନ୍ତ ଆଚମ୍ବିତ ହେଲା କିନ୍ତୁ କିଛି ନପଚାରି ଅସମୟରେ ଆସିଥିବା ଅତିଥିର ସେବାରେ କୌଣସି କାର୍ପଣ୍ୟ କଲା ନାହିଁ।

ପରଦିନ ସକାଳର ଅନୁଭୁତି ଅବିସ୍ମରଣୀୟ। ଅଖା ଘେର ଥିବା ପାଇଖାନା ଭିତରକୁ ପାଣି ବାଲଟି ଏବଂ ମଗ୍ ଟିଏ ନେଇ ଯିବାକୁ ପଡ଼?। ପାଇଖାନାରୁ ପଛପଟକୁ ମଳ ଯିବାର ବାଟ ହେଉଛି ଅର୍ଦ୍ଧ ଗୋଲାକାର ଖପରୁଲିମାନ ଖଞ୍ଜାଯାଇ ତିଆରି ହେଇଥିବା ଡ୍ରେନେଜ ସିଷ୍ଟମ।

ପାଣି ବାଲଟି ଆଉ ମଗ୍ ନେଇ ସେଇଠି ପହଞ୍ଚିଗଲି ତ ଏକରକମ ଭୟଙ୍କର ଶବ୍ଦ କର୍ଣ୍ଣ ଗୋଚ଼ର ହେଲା। ସେଇଠି ବାଲଟି ରଖି ଏକା ନିଃଶ୍ୱାସରେ ଦଉଡ଼ି ଅନନ୍ତ ପାଖରେ ହାଜର ହେଲି। ମୋ ଭୟର ହେତୁ ଜାଣି ସେ ପ୍ରଥମେ ଅଳ୍ପ ହସିଲା ଏବଂ ପରେ ମୁହଁ ଶୁଖେଇ ଦେଲା।

-' ସେଇ ଶବ୍ଦ ଘୁଷୁରୀମାନଙ୍କର। ସେମାନେ ସକାଳେ ଅପେକ୍ଷା କରିଥାନ୍ତି ମଳ ଖାଇବାକୁ। ଖୁସିରେ ସେମାନେ ସେଇପରି ଶବ୍ଦ କରିଥାନ୍ତି। ସେମାନଙ୍କର ପରା ସେଇଟା ଭୋଜି !' ହସି ହସି କହିଲା ଅନନ୍ତ ରୁମରେ ରହୁଥିବା ତା'ର ସାଙ୍ଗ।

ଅନନ୍ତ ରୁମରେ ପ୍ରାୟ ଦଶ ଦିନ ରହିବା ଭିତରେ ଆଉ ଗୋଟିଏ କମ୍ପାନୀର ମେଡ଼ିସିନ୍ ରିପ୍ରେଜେଣ୍ଟେଟିଭ ସୁଧାଂଶୁ ସହ ମୋର ଭେଟ ହେବାପରେ ସେ ମୋ ପାଇଁ ଶୁଭ ଖବର ଆଣି ଦେଲା। ଅନ୍ୟ ମେଡିସିନ କମ୍ପାନୀର ଦୁଇ ଜଣ ପିଲାଙ୍କ ସହିତ ରୁମ୍ ଭଡ଼ା ଭାଗ କରିବାକୁ ମୁଁ ତୃତୀୟ ଜଣ ହୋଇ ପ୍ରବେଶ କଲି। ମୋତେ ମୋ ମନ ମୁତାବକ ଜାଗା ମିଳିଗଲା। ସବୁଠୁ ବଡ଼ କଥା ହେଲା ସେଇ ରୁମ୍ ରେ ରହୁଥିବା ସନ୍ତୋଷ ସହିତ ତା ସ୍କୁଟରରେ ବିଭିନ୍ନ ଏରିଆ ବୁଲି ଡକ୍ଟର ଙ୍କୁ ଭେଟିବାର ସୁଯୋଗ ପାଇଲି। ତା' ସ୍କୁଟରରେ ପଡୁଥିବା ପେଟ୍ରୋଲ ଖର୍ଚ୍ଚ ଅଧା ଅଧା। ଆଗରୁ ଚାଲି ଚାଲି ରାଉରକେଲା ସହରର ଏମୁଣ୍ଡ ରୁ ସେ ମୁଣ୍ଡ ବୁଲୁ ଥିଲି କିମ୍ବା କେବେ ସେଆର ଅଟୋର ସୁବିଧା ନେଉଥିଲି। ରାଉରକେଲାରୁ ବାହାରକୁ ଯିବାକୁ ହେଲେ ବସ୍ ହିଁ ଥିଲା ମୋର ଯାତାୟାତର ମାଧ୍ୟମ। ମୋ ଉପରିସ୍ଥ ମ୍ୟାନେଜର ମୋତେ ଏଥିପାଇଁ ଖୁବ୍ ଗାଳି କରୁଥିଲେ। ଏବେ ବି ମୋର ଠିକ୍ ମନେ ଅଛି।ଅନନ୍ତ କୁ କୃତଜ୍ଞତା ଜଣାଇ ମୁଁ ତା ପାଖରୁ ବାହାରିଲା ବେଳକୁ ସେ ମୋତେ ତା ସାଇକେଲରେ ବସେଇ ଆଣି ବସ୍ ଷ୍ଟପରେ ଛାଡିଥିଲା ଆଉ ତା ଆଖିରେ ଲୁହ ଭରିଥିଲା। ସେଇ ଲୁହ ଭରା ଆଖିର କାରଣ ଯଦିଓ ମୁଁ ଏପର୍ଯ୍ୟନ୍ତ ବୁଝିବାରେ ସକ୍ଷମ ହୋଇନି ହେଲେ ତା'ର ସହୃଦୟତା ମୋ ସାମ୍ନାରେ ଏବେ ବି ଜୀବନ୍ତ! ଆହା,କେତେ ବିଶାଳ ହୃଦୟ ତା'ର ସତରେ... !!

କିଛି ଦିନ ଭିତରେ ସୁଧାଂଶୁ ମୋର ଘନିଷ୍ଠ ହୋଇ ଯାଇଥିଲା। ସେଇ ଜାଗାରେ ଆଉ କେତେ ଜଣଙ୍କ ସହିତ ସମ୍ପର୍କ ମଧ୍ୟ ଗଢ଼ି ଉଠିଥିଲା। ସେଇଠି ବର୍ଷଟିଏ ରହିବା ଭିତରେ ଆଠ ଦଶ ଦିନ ଭିତରେ ଫେରେଇ ଦେବି କହି ମୋ ଠାରୁ ଦୁଇ ହଜାର ଟଙ୍କା ଉଧାର ନେଇ ଆଉ ଶେଷ ପର୍ଯ୍ୟନ୍ତ ଫେରେଇ ନଥିଲା ସୁଧାଂଶୁ। ଇତି ମଧ୍ୟରେ ରାଉରକେଲା ଛାଡି ମୋତେ ସମ୍ବଲପୁର ଯିବାକୁ ପଡିଲା ଆଉ ଗୋଟିଏ କମ୍ପାନୀରେ ସୁଯୋଗ ପାଇ।

ସମ୍ବଲପୁର ଯିବା ପୂର୍ବରୁ କୃତଜ୍ଞତା ଜଣାଇବାକୁ ଯାଇଥିଲି ବନ୍ଦିତା ଅପାଙ୍କ ପାଖକୁ। ଯଦିଓ ତାଙ୍କ ଉପକାର ତୁଳନାରେ ମୋର ଉପହାର ଖୁବ୍ ନଗଣ୍ୟ, ମିଠା ପ୍ୟାକେଟ ସହ ସମସ୍ତଙ୍କ ପାଇଁ ଲୁଗାପଟାର ପ୍ୟାକେଟ ଟିଏ ଦେଇ ମୋର ନୂଆ ଚାକିରିର ସମ୍ବାଦ ଦେଇଥିଲି।

ଏମିତି ଏମିତି ଘରଭଡ଼ା ନେଇ ବିଭିନ୍ନ ଜାଗାରେ ରହିବାର ଅଭିଜ୍ଞତା ମୋର ପ୍ରାୟ କୋଡିଏ ବର୍ଷ ଅତିକ୍ରମ କରିଥିଲା। ଭଡ଼ାଘରେ ରହିବା ଭିତରେ କେତେ ଜଣ ଘର ମାଲିକଙ୍କ ଠାରୁ ଖୁବ୍ ଭଲ ବ୍ୟବହାର ପାଇଛି ତ କେତେଜଣଙ୍କ ଠାରୁ ପାଇଛି ଦୁର୍ବ୍ୟବହାର। ସବୁ କଥା ମନେ ନାହିଁ। କିଛି କଥା ସ୍ମୃତିରେ ଅଛି।

ମୁଁ ହଜାର ସ୍କୋୟାର ଫୁଟ ପରିମିତ ଜାଗାରେ ଘର କରି କଟକରେ ରହୁଛି ଏବେ। ହେଲେ କେଇ ବର୍ଷ ଆଗରୁ ମୋର ବନ୍ଧୁ ଅନନ୍ତ ତା'ର ଘର ପ୍ରତିଷ୍ଠା ଦିବସକୁ ମୋତେ ଡାକିଥିଲା ରାଉରକେଲା।ସେ ଏବେ ଏ-କ୍ଲାସ ଲାଇସେନ୍ସ ପ୍ରାପ୍ତ କଣ୍ଟ୍ରାକ୍ଟର।

ସମୟ କେତେବେଳେ କାହାକୁ କେମିତି ନେଇ ରଖିବ ତା କେବଳ ତାକୁ ହିଁ ଜଣା। ଆମ ଭିତରର ଅବସୋସ ଅଥବା ଉଚ୍ଛ୍ୱାସ ବୁଝିବାକୁ ତା'ର ସମୟ କାହିଁ..? ସେ ତ ସ୍ଥିତପ୍ରଜ୍ଞ... !

*କୁଞ୍ଜବିହାରୀ ଲେନ,*
*କଟକ -୯୪୩୮୧୭୫୫୪୨*

## ଦିନୁ



ସୁଚରିତା ମହାନ୍ତି

ହାତରେ କଟୁରୀ ଧରି ଏପଟ ସେପଟ ହେଉଚ଼ି। ଥରକୁ ଲେଖା ଠିଆ ହେଇ ଭୁଡୁ ଭୁଡୁ କରି କ'ଣ ମେଞ୍ଚାଏ କହି ଯାଉଚ଼ି।କିଛି ବୁଝି ହେଉନଥାଏ।

ସଞ୍ଜ ନଇଁଲାଣି,ତରବର ହୋଇ ମୁଁ ବଗିଚ଼ାକୁ ଗଲି ଗଛରେ ପାଣି ଦେବାକୁ। ମୋତେ ଦେଖି ଟିକେ ହସିଦେଲା। ନାଁ ଟି ତା'ର ଦିନୁ।କାନକୁ ଭଲ ଶୁଭେ ନାହଁ, ଦୁର୍ବଳ ଚେହେରା।ନ ଖଟିଲେ ପେଟ ପୋଷିବ କେମିତି।ଅଧ ଦିନକୁ ଆସି ପଚ଼ାରେ ବାବୁ କିଛି କାମ ଅଛି।

ଯଦି କାମ ଥାଏ ତା'ହେଲେ ଘର ମାଲିକ ସରୋଜ ବାବୁ କହନ୍ତି,ହଁ ଅଛି।

ରହ କହୁଚ଼ି କ'ଣ କରିବୁ ।

ତା'ପରେ କାମ ବରାଦି କଲେ ସେ ଯାଇ ତା' କାମରେ ଲାଗିପଡ଼?।ଯାହା କାମ ଦେଲେ ସବୁ କାମ ଖୁସିରେ କରିଦିଏ।

ଦୁଇ ପ୍ରହର ହେଲେ ଘରୁ ଆଣିଥିବା ଖାଦ୍ୟ ଖାଇ ଟିକିଏ ବସେ ପୁଣି କାମରେ ଲାଗିପଡ଼?। ଶୀତଦିନ ଶୀଘ୍ର ଶୀଘ୍ର ବେଳ ଗଡ଼ି ଯାଉଚ଼ି।

ସେ ଛାନିଆ ହେଉଥାଏ କାମ ସାରି ଘରକୁ ଯିବାପାଇଁ।

ମୁଁ ପଚ଼ାରିଲି,ତମ କାମ ସରିଗଲା କି । କହିଲା, ନା ବାବୁ କହିଛନ୍ତି ଗଲା ବେଳକୁ ଲେମ୍ବୁ ଗଛଟିକୁ କାଟି ବାହାରେ ଫୋପାଡ଼ି ଦେବୁ।ରହିଲେ ଅଜଥା ରେ ବଣ ହେବ। କଣ୍ଟାଝଟା ଏଠି ସେଠି ପଡ଼ି ଅଳିଆ ହେବ।

ହେଲେ,'ସେଇଟା କାଟିବାକୁ ମୋ ମନ ଜମା କହୁନି।

ଆଉ ବର୍ଷ? କି ଦୁଇ ବର୍ଷ ରେ ଲେମ୍ବୁ ଧରିବ। ଭାରି ଉପକାରୀ ଗଛଟାକୁ ବାବୁ କାହିଁକି କାଟି ଦେବାକୁ କହୁଛନ୍ତି କେଜାଣି।

ମୋର ଇଚ୍ଛା ହେଉନାହିଁ ସେ ଗଛକୁ କାଟିବା ପାଇଁ। ସେଥିପାଇଁ କଟୁରୀ ଧରି ଏପଟ ସେପଟ ହେଉଚ଼ି।ବାବୁ ନାହିଁ କରି ଦିଅନ୍ତେ କି ।

ବିଚ଼ରା ଗରିବ ଲୋକଟି କାମ କରିବା କୁ ଆସିଚ଼ି।ସାହାସ ଜୁଟେଇ ଗଛଟିକୁ କାଟିବ ନାହିଁ ବୋଲି କହି ପାରୁନି କାଳେ ମାଲିକ ତା' ଉପରେ ବିରକ୍ତ ହେବେ ।

ଦିନୁ ସିନା ଦୁଇ ଅକ୍ଷର ପାଠ ପଢ଼ିନି ମୂର୍ଖ ଲୋକ ଟା, ହେଲେ ତା'ର ଅଳ୍ପ ବୁଦ୍ଧି ରେ ଅନେକ ଜ୍ଞାନ ଭରି ରହିଛି। ବୁଝିବା ଶକ୍ତି ଶିକ୍ଷିତ ଲୋକଙ୍କ ଠାରୁ ଢେର ବେଶି।

ଲେମ୍ବୁ ଗଛଟି ମଣିଷଙ୍କ ପାଇଁ ଭାରି ଉପକାରୀ ବୋଲି ସେ ଜାଣିପାରୁଛି ସେଥିପାଇଁ ତ..।

ତା' କଥା ଶୁଣି କହିଲି,ହଉ, ତମେ ଆଉଥରେ ବାବୁଙ୍କୁ ବୁଝେଇ କହିବ ଯାଅ।

ଯଦି ନ ମାନିଲେ କାଟିଦବ ଆଉ କିଛି ଉପାୟ ନାହିଁ।

ତାଙ୍କ ଗଛ, ତାଙ୍କ ଇଚ୍ଛା ପାଖରେ ଆମେବା ଆଉ କ'ଣ କରିପାରିବା କହିଲ।

ଦିନୁ କହିଲା, ହଁ ତା' ତ ସତ,ହଉ ଦେଖେ ବାବୁ କ'ଣ କହୁଛନ୍ତି।

ମୁଁ କହିଲି,ଗଛ ଯଦି କଥା କହି ପାରୁଥାନ୍ତା ମଣିଷ କ'ଣ ଯେତେବେଳେ ନାଇଁ ସେତେବେଳେ ମନ ଇଚ୍ଛା କାଟି ପକାଇ ପାରନ୍ତା।

ଦିନୁ କହିଲା,ହଁ ଆଜ୍ଞା।ଦେଖୁ ନାହାନ୍ତି ଦିନ କୁ ଦିନ ତାତି କେତେ ବଢୁଛି। ଆଉ କେଇଟା ବର୍ଷ ପରେ ଗଛଟିଏ ଦେଖିବାକୁ ମିଳିବନି। ଠିକ୍ ସମୟ ଅନୁସାରେ ଯାହା ହେବାକଥା ଆଉ ହେଉନାହିଁ।ମଣିଷ ନିଜ ଗୋଡ଼ରେ କୁରାଢ଼ି ମାରୁଛି।

ମୁଁ କହିଲି,ହଁ ମଣିଷ ନିଜ ସ୍ୱାର୍ଥ ହାସଲ କରିବା ନିଶାରେ ନିଜର କେତେ ଉପକାର କରୁଛି କି ଅପକାର କରୁଛି,ସେ କଥା ଯଦି ବୁଝି ପାରୁଥାନ୍ତା ,' ତା'ହେଲେ ଆଉ ତାକୁ ଦୁର୍ଦ୍ଦଶା ଭୋଗିବାକୁ ପଡୁ ନଥାନ୍ତା।

ହଉ ଛାଡ଼ ସେସବୁ। ଯେତେବେଳେ ଯାହା ହେବାକଥା ହେବ ।

ମୁଁ ଯାଏ କାମ ସାରେ।

ଦିନୁ ବାଡ଼ି ପଛ ପଟକୁ ଯାଇ ଯେତେକ ଶୁଖିଲା ପତ୍ର ଗୋଟେଇ ରଖିଥିଲା ସେଥିରେ ନିଆଁ ଲଗେଇ ଦେଲା।

ଫୁରୁଫୁରୁ ହୋଇ ସବୁ ଜଳିବାକୁ ଲାଗିଲା।

ଧୀରେ ଧୀରେ ଅନ୍ଧାର ଭିତରେ ସବୁକିଛି ଲୁଚ଼ି ଯିବାକୁ ବସିଲାଣି। ମୋତେ ଆଉ ଗଛ କଟା ଶବ୍ଦ ଶୁଭୁ ନଥାଏ।

ଭାବିଲି ଦିନୁ ଆଜି ଖୁସି ହୋଇ ଘରକୁ ଫେରିଥିବ।

ଗଛ ଗୁଡ଼ିକରେ ପାଣି ଦେଇ ମୁଁ ଘର ଭିତରକୁ ପଶି ଆସିଲି ।

*ବାରିପଦା, ମୟୂରଭଞ୍ଜ*
*୮୯୧୭୫୬୭୧୨୦୨*

## ଜ୍ଞାନଦାତ୍ରୀ ସରସ୍ୱତୀ

*ଆଦ୍ୟାଶା ମହାପାତ୍ର*



ବିଦ୍ୟାଦାତ୍ରୀ ମାତା ବୁଦ୍ଧି ପ୍ରଦାୟିନୀ
ଜ୍ଞାନଦାତ୍ରୀ ମହାମାୟୀ
ପ୍ରଜ୍ଞା ସିଦ୍ଧି ମେଧା ଶକ୍ତି ସ୍ୱରୁପିଣୀ
ଆଦିଶକ୍ତି ଜଗନ୍ମୟୀ ॥

ଦିବ୍ୟ ଶୁକ୍ଳ ବସ୍ତ୍ର ? ମାତ ସୁସଜ୍ଜିତ
କର୍ଣ୍ଣ ? କୁଣ୍ଡଳ ଶୋଭିତ
ଗଳା ରତ୍ନ ହାର ଦିଶଇ ସୁନ୍ଦର
ହସ୍ତରେ ବୀଣା ପୁସ୍ତକ ॥

ବୀଣାପାଣି ମାତ ଅଜ୍ଞାନ ହାରିଣୀ
ବାଗୀଶ୍ୱରୀ ମହାଶ୍ୱେତା
ହଂସ ବାହିନୀ ଭାରତୀ ବାଗୀଶା
ଶ୍ୱେତ ପଦ୍ମାସନୀ ମାତା ॥

ମାତା ବାଗଦେବୀ ସବୁରି କଣ୍ଠରେ
ବିରାଜିତ ହୁଅ ବାରେ
ମଧୁସିକ୍ତ କର ଏ ସାରା ବିଶ୍ୱକୁ
ଭିଜାଇ ତୋ କରୁଣାରେ ॥

ଅଭୟ ଦାୟିନୀ ଶକ୍ତି ସ୍ୱରୁପିଣୀ
ସାହା ହୁଅ ମାତା ସଦା
ସତ୍ ଚ଼ିନ୍ତା ସଦବୁଦ୍ଧି ଭରୁ ପ୍ରତି ହୃଦେ
କରୁଣାମୟୀ ସାରଦା ॥

ଏ ଧରା ଧାମରୁ ଅଜ୍ଞାନ ଅନ୍ଧାର
କର ଗୋ ମାତ ନାଶନ
ମାତା ସରସ୍ୱତୀ ବିଦ୍ୟା ବୁଦ୍ଧି ଦାତ୍ରୀ
ଏତିକି ମିନତି ଘେନ ॥

*ନୂଆପଡା, କଟକ*

## ମାଆ ବୀଣାପାଣି

( ରାଗ -- ଚୋଖି )

*କବିରତ୍ନ ନୂତନ କୁମାର ବେହେରା*



ମାଘମାସ ଶୁକ୍ଳପକ୍ଷେ
ପଞ୍ଚମ ଦିନ ତାରିଖେ
ପାଳନ କରୁ ପଞ୍ଚମୀ ପୂଜାର ବିଧି,
ପୂଜୁ ମାଆ ବୀଣାପାଣି
ମନେ ଶ୍ରଦ୍ଧା ଭକ୍ତି ଆଣି
ଆଶିଷେ ତାଙ୍କର ମିଳେ ଜ୍ଞାନର ବୁଦ୍ଧି,
ଜ୍ଞାନ ବିନା ଜୀବନ ହୀନ
ସୁଦୟାରେ କରିଥାନ୍ତି
ସେ ଜ୍ଞାନଦାନ।୧।
ବୀଣା ହସ୍ତେ ସରସ୍ୱତୀ ତୋଳିଥାନ୍ତି ଜ୍ଞାନ ଗୀତି
ସାରା ସଂସାରର ଜନ କଲ୍ୟାଣ ଅର୍ଥ ?,
ପାଇ ବିଦ୍ୟା ମହାରତ୍ନ ପଣ୍ଡିତେ କରନ୍ତି ଯତ୍ନ
ଜନ ହିତେ ରହିଥାନ୍ତି ନିଜ ସାମର୍ଥ,
ମହତ ଗୁଣ ତ୍ୟାଗପଣ,
କୁହନ୍ତି ସର୍ବେ ମହାମୁନି ଋଷିଗଣ।୨।
ବିଦ୍ୟା ଅଧିଷ୍ଠାତ୍ରୀ ଦେବୀ
ଭାବ ଭକ୍ତି ଅନୁଭବି
ଧରାଧାମେ ଆସନ୍ତି ଶ୍ରୀପଞ୍ଚମୀ ଦିନ,
ଭକ୍ତଜନ ମନ ଭରି
ଦିଅନ୍ତି ବିଦ୍ୟା ବିତରି
ସୁନ୍ଦର କରି ଗଢିବାକୁ ଏ ଜୀବନ,
ଭାବ ବିନା ଭକ୍ତି ଆସେନା,
ଲକ୍ଷ୍ୟପଥେ ରହି କରୁ ତା'
ଉପାସନା।୩।
ବିଦ୍ୟା ବୁଦ୍ଧି ଜ୍ଞାନ ସାଥେ
ବିବେକ ବିଚ଼ାର ମିଶି
ପଞ୍ଚର ସମନ୍ୱୟେ ହୁଏ ଶ୍ରୀପଞ୍ଚମୀ,
ଏ ଧାରଣା ଧ୍ୟାନେ ରଖି
ସୁପଥେ ଚ଼ାଲିଲେ ଦେଖି
ସୁକୃତି ଲଭେ ମାନବ ଭବେ ଜନମି,
ପାଏ ସୁଖ ଶାନ୍ତି ଆନନ୍ଦ,
ଦୂର କରିଥାଏ ମନୁ ତା' ଅବସାଦ।୪।
ଦେବୀମାଆ ବୀଣାପାଣି ମନକଥା ସବୁ ଜାଣି
ଆଶୀର୍ବାଦ ଦେଇଥାନ୍ତି ସଦା ଅଜାଡି,
ଶ୍ରମ ସାଧନାରେ ରହି
ଦୁଃଖ କଷ୍ଟ ଯେତେ ସହି
ଜୀବନକୁ ରଖିଥାଏ ତାର ସଜାଡି,
ସୁନାମ କରି ସେ ଅର୍ଜନ,
ଜଗତ ସେବାରେ ଥାଇ
କରେ କଲ୍ୟାଣ।୫।

*କୋହି, ବାରିପଦା, ମୟୂରଭଞ୍ଜ,*
*ଦୂରଭାଷା-୮୦୧୮୩୫୩୩୨୨*

## ବାପୁ କହିଥିଲ...

*ରତ୍ନକାନ୍ତି ମିଶ୍ର*



ବାପୁ କହିଥିଲ, କାଟି ପିନ୍ଧିବାକୁ
ଖଟି କରି ନିଜେ ଖାଇବା ପାଇଁ
ଚ଼ିତା କାଟି ଯିଏ ଦେଶକୁ ଶୋଷୁଛି
ରାଇଜର ଏବେ ରଜା ଟି ସେଇ
ଅର୍ଥ ଆଉ ବାହୁ ବଳେ
ଦେଶର ଶାସନ ସ୍ୱଚ୍ଛତା ଦର୍ଶାଏ
ଗରିବର ଭାଗ୍ୟ ପଥର ତଳେ ॥
ବାପୁ କହିଥିଲ, ଅହିଂସାର ପଥ
ସଦାବର୍ତ୍ତ ଆମ ପରମ ଧର୍ମ
ସେଇ ଯୁଗ ଆଜି ବଦଳି ଯାଇଛି
ଆମେ କି ବୁଝିବୁ ତାହାର ମର୍ମ
ଧର୍ମ ନାମେ ବିଭାଜନ
ଭୋଟ ପାଇଁ ଚ଼ାଲେ ଫନ୍ଦି ଫିକର
ବଳି ପଡୁ ପଛେ ଆତ୍ମଭିମାନ ॥
ବାପୁ କହିଥିଲ, ଦେଶ ଶକ୍ତ ହେବ
ଗାଆଁ ଆମ ହେଉ ଉନ୍ନତ ଆଗେ
ଗାଆଁ କାମ ଆମ ଖାତାରେ ଗଢୁଛି
ଅର୍ଥ ଲୁଟ ହୁଏ ଆପଣା ଢଙ୍ଗେ
ପି ସି ଦେଇଦେଲେ ହେଲା
ଆବାସ ହେଉ ବା ହେଉ ରାସ୍ତା କାମ
କାଗଜ କଲମେ ହୋଇଲେ ଗଲା ॥
ଖଦଡ଼ ପିନ୍ଧୁଛୁ ଟୋପି ବି ପିନ୍ଧୁଛୁ
ଭାଷଣେ ଆମର ତୁମରି କଥା
ଚ଼ଷମା ତୁମର ଦିଏ ବିଜ୍ଞାପନ
ଆମ ଫଟୋ ଦିଏ ସ୍ୱଚ୍ଛତା ବାର୍ତ୍ତା
ରାମଧୁନ ଗାଇ ଆମେ
କରତାଳି ଯେତେ ସାଉଁଟି ନେଉଛୁ
ବାପୁ ସିନା ତୁମ ନାମେ ॥

*ଆଳି, କେନ୍ଦ୍ରାପଡା*

## ଭଉଁରୀ



*ସୁଧାକର ରାଉତ*

ବିଶ୍ୱାସର ସୂକ୍ଷ୍ମ ସ୍ପର୍ଶରେ
ଅନାବୃତ ହୁଏ ପ୍ରେମର ପାଖୁଡ଼ା
ଜାଗ୍ରତ ହୁଏ ଆକାଶର ନୀଳିମାକୁ
ଧରି ରଖିବାର ଅଦମ୍ୟ ଅଭିଳାଷ
ମର୍ତ୍ତ୍ୟ କ୍ଷଣକରେ ହୁଏ ସ୍ୱର୍ଗ
ପ୍ରୀତିର ଫଲଗୁ ପ୍ରବାହରେ
ମୃଦୁ ସଞ୍ଚରଣ ହୁଏ ହର୍ଷ ଉଲ୍ଲାସ ।
ସବୁଜ ସପନରେ
ମନଟା ହୋଇ ଉଠେ ମସଗୁଲ୍ ।
ବିହ୍ୱଳିତ ଭାବର ଜୁଆରରେ
ପଡ଼ିଯାଏ ଭଟ୍ଟା ଅକସ୍ମାତେ
ସମ୍ଭାବନା ରାଜିରେ
ଜୀବନକୁ ହୁଏନି ଦେଖି
ଜିଗୀଷା ର ପରାକାଷ୍ଠା ଉପରେ ବି
ଲାଗିଯାଏ ଅନିଶ୍ଚିତତା ର ମୋହର ।
ପ୍ରେମ ସଞ୍ଜିବନୀର ମହାମନ୍ତ୍ର
କୁହୁଳୁଥାଏ ଅତି ସନ୍ତର୍ପଣରେ
ଏକ ଅସୁସ୍ଥମନସ୍କତାକୁ ନେଇ ।
ମନ କିନ୍ତୁ ମିଛିମିଛିକା ସୁଖର
କରି ଅଭିନୟ ବଞ୍ଚିଥାଏ
ପ୍ରଗାଢ ବିଷର୍ଣ୍ଣତା ଭଉଁରୀରେ ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

## ନିଃସଙ୍ଗତାର ନିର୍ଝରିଣୀ

*ଡଃ ରଶ୍ମିରଞ୍ଜନ ସ୍ୱାଇଁ*



ନିଃସଙ୍ଗତାର ନିର୍ଝରଣୀ
ବହୁଅଛି ଧୀରେ,
ବାସ୍ତବିକତା ଠୁ ବହୁ ଦୂରେ ।
ସର୍ବଦା ପ୍ରକୃତିସ୍ଥ ମନ
ଆଜି ସ୍ୱପ୍ନ ରାଇଜରେ।
ନା ଚ଼ପଳତା ନା
ଅଛି ଚଂଚ଼ଳତା
ଶୁଷ୍କ ପଲ୍ଲବ ପ୍ରାୟ ମନ,
ଖୋଜେ ନିର୍ଜନତା ॥
ହୃଦୟ ସାଜିଛି ଆଜି ଭଙ୍ଗୁର ପାଷାଣ,
ଶାନ୍ତି ର ସନ୍ଧାନ ନୁହେଁ ଏହା ର କାରଣ॥
ମନ ନୁହେଁ ଭୟାତୁର,ଗ୍ଲାନି ଜର୍ଜରିତ
ବାଷ୍ପରୁଦ୍ଧ କଣ୍ଠ ଆଉ ହୃଦୟ ବ୍ୟଥିତ॥
ପ୍ରତିଦ୍ୱନ୍ଦ୍ୱୀ ଧରା ଦେଖି ମନ
ଭୟାତୁର ପରା,
ଅଦମ୍ୟ - ବୋଧଗମ୍ୟ ମନ
ବିଷର୍ଣ୍ଣରେ ଭରା ॥
ଶିରସ୍ତ୍ରାଣ ସ୍ଫୂର୍ତ୍ତ ମନେ ଆଜି
କବାଜଇ ଦୁନ୍ଦୁଭି,
ଆକାଂକ୍ଷିତ ଅନ୍ତର୍ଭେଦି ଦୃଷ୍ଟି ସାଜିବ ପ୍ରଭାବି।
ଏଇ ନିର୍ଝରିଣୀ ଦିନେ ହେବ ସମୁଦ୍ରରେ ବିଲୀନ,
ନୈସର୍ଗିକ ସଂସର୍ଗ ର ହେବ ଆଗମନ॥

*ବାଲେଶ୍ୱର*

## ଛୋଟ ସବୁଜ ଘାସ

ମୂଳ ରଚ଼ନା : **ନରେନ୍ଦ୍ର ପୁଣ୍ଡରିକ**
ଅନୁବାଦ : **ପାରମିତା ଷଡ଼ଙ୍ଗୀ**





ଆସୁଥିବା ଘୋଡାମାନଙ୍କର ଖୁରା ଶବ୍ଦ
ଶୁଣା ଯାଉ ନ ଥିଲା,
କିଏ ସେ ଯେ
ଯିଏ ଛୋଟ ସବୁଜ ଘାସକୁ
ପଦଦଳିତ କରୁଛି ?

କହୁଛନ୍ତି ଭୟ କରନା,
ଆମେ ତୁମକୁ ନୁହେଁ
ଏଇ ସବୁଜ ଛୋଟ
ଘାସ ପାଇଁ ଆସିଛୁ
ଯାହାକୁ ଦମନ କରି ହେଉନି
ବାରମ୍ବାର ଚ଼ରିବା ସତ୍ତ୍ୱେ ବି
ମୁଣ୍ଡ ଉଠେଇ ଠିଆ ହେଇ ଯାଉଛି

ଏଇ ଅଗ୍ନିକାଣ୍ଡ
ଏଇ ହତ୍ୟା
ତୁମ ପାଇଁ ନୁହଁ,
ସେଇ ଛୋଟ ସବୁଜ ଘାସ ପାଇଁ
ଯାହାକୁ ଛିଣ୍ଡେଇ ଓପାଡିବା ପରେ
ପୋଡିଯିବା ସତ୍ତ୍ୱେ,
ପୁଣି ଠିଆ ହେଇ ଯାଏ
ଏବଂ ତାର ଠିଆ ହେବା
ବାରମ୍ବାର କଅଁଳି ଯିବା
ଆମ ଆଖିରେ କଣ୍ଟା ପୋଡ଼ି ହେଲାପରି
ଆଘାତ କରେ ।

*ମୁମ୍ବାଇ*

## ପଞ୍ଚୁକ

*ନିରଞ୍ଜନ ସାହୁ*



କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ
ପଞ୍ଚୁକ ନାମରେ ଗଣା
ବକ ପଞ୍ଚୁକ ଓ ଭୀଷ୍ମ ପଞ୍ଚୁକ ଯେ
ହୋଇଥାଏ ତାହା ଜଣା
ପ୍ରଭାତ ସିନାନ ନାମ ସଂକୀର୍ତ୍ତନ
ତୀର୍ଥ ଦରଶନ ହୁଏ
ହବିଷାଇବା ଭଜନ ଗାଇବା
ଭୋଗରାଗ କିଏ ଥୁଏ।
ତୁଳସୀ ପୂଜନ ପ୍ରଭୁ ଗୁଣଗାନ
ମୁରୁଜ ସକାଳେ ପଡ଼?
ଚ଼ଉରା ମୂଳରେ ଆକାଶଦୀପ ଯେ
ଜଳୁଥାଏ ରାତି ବଢେ
ହବିଷିଆଳିଙ୍କ ରାଇ ଦାମୋଦର
ପୂଜା ଚ଼ାଲେ ।ବ୍ରତରେ
କାର୍ତ୍ତିକେୟ ପୂଜା ମହାଆଡ଼ମ୍ବରେ
ସକଳ ପାପକୁ ହରେ।
ଏହି ପାଞ୍ଚଦିନ ମହାପୁଣ୍ୟଦାୟୀ
କହନ୍ତି ଜଗତ ଜନ
ବୋଇତ ବନ୍ଦାଣ କରନ୍ତି ଉତ୍କଳେ
ଅତୀତ ଗୌରବ ଧନ
ବାଲିଯାତ୍ରା ଚ଼ାଲେ ଅନେକ ସ୍ଥାନରେ
ବିପଣୀ ପସରା ମେଲେ
ପଞ୍ଚୁକ ଅଟଇ ଅତ୍ୟନ୍ତ ପବିତ୍ର
ଭକ୍ତିମୟ ଭାବ ନେଲେ
ଆସନ୍ତୁ , ପାଳିବା କାର୍ତ୍ତିକେ ପଞ୍ଚୁକ
ପବିତ୍ର ଭାବନା ନେଇ
ଈଶ୍ୱରୀୟ କୃପା ଲାଭ ନିଶ୍ଚ ? ହେବ
ଭକ୍ତି କର ଧ୍ୟାନ ଦେଇ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ : ୯୯୩୮୭୪୧୫୮୩*

## ତୁମେ ଗଲାପରେ

*ରାହାସ କୁମାର ବେହ୍ରା*

ମନ ଅଗଣାରେ ରୂପସୀ ଚ଼ନ୍ଦ୍ରମା
ମୁରିକି ମୁରୁକି ହସୁଛି
ଭଲପାଏ ବୋଲି ଫୁଲଟିଏ ଧରି
ଫୁଲେଇ ଗେଲେଇ ହେଉଛି ॥
ହେଲେ ଫୁଲେ କଣ୍ଟା,ସବୁଜ ଗହନେ
ଅନେକ ବାରତା ରହିଛି
କାଳେ କାଳେ ଦୁଃଖ ଅବଶୋସ କହି
ମୋଠାରୁ ଦୂରେଇ ଯାଉଛି ॥
ତଥାପି ଅବୁଝା ବେଦନାକୁ ଚ଼ାପି
ତା'ପାଇଁ ଯେ ଘର ତଳୁଛି
ସଂଜହେଲେ ନିତି ତା' ଗୁଣ ବାହୁନି
ଜୀବନ ସଙ୍ଗୀତ ଗାଉଛି ॥
ବଂଚ଼ିବା ନାଆଁରେ ଲୁହ ପୋଛୁ ପୋଛୁ
କାଲି କଥା ଯେବେ ଭାବୁଛି
ଏକା ଏକା ବସି ବିଜନ ବେଳାରେ
ଅଜଣା କୋହରେ ମରୁଛି॥
ରଙ୍ଗ ତୁଳି ଧରି ସମୟ ସାଥିରେ
ରୂପ ତାର ଯେବେ ଆଙ୍କୁଛି
ସ୍ମୃତି ବିସ୍ମୃତିରେ ବିସ୍ମରି ଯାଇଣ
ନୀରବେ ଘଡ଼ିଏ ଚ଼ାହୁଁଛି ॥
ଆଜି ଯାହା ନୂଆ କାଲିକି ପୁରୁଣା
ଆବୁଝାରେ ବୁଝି ହେଉଛି
ଅକାଳ ସକାଳେ ମରମେ କରମେ
ତାପାଇଁ ଯାତନା ପାଉଛି ॥

*ବାଲ୍ୟମ୍ବା, ଭାପୁର*

## ବଣଭୋଜି ମଜା ନାହିଁ

*ସୁନୀଲ କୁମାର ପ୍ରଧାନ*



ବଣ ଭୋଜିରେ ମୋ ଆଉ ଖୁସି ନାହିଁ
ଲାଗୁଥିଲା ଭାରି ମଜା
ସାଙ୍ଗ ସାଥି ମେଳେ ଗାଆଁ ପାହାଡ଼ରେ
ଭୋଜି ପାଇଁ ହୁଏ ସଜା ।
ଜଙ୍ଗଲ ଜାଳେଣୀ ଝରଣାର ପାଣି
ମୋ ଗାଆଁ ପନିପରିବା
ହସ ଖୁସି ମେଳେ ଜେଜେଙ୍କର ଗପ
ସେ ଆନନ୍ଦ କି ପାଇବା ।
ପରିବାର ମିଶି କଲେ ମଧ୍ୟ ଭୋଜି
ଆଗଭଳି ମଜା ନାହିଁ
ଏହି ସ୍ମାର୍ଟ ଫୋନ୍ ଆସିଲା ଦିନଠୁ
ଖୁସି ନେଲା ସେ ଛଡାଇ ।
ବଣଭୋଜି ମଜା ବଣରେ ରହିଲା
ଜଙ୍ଗଲ ହୋଇଲା ଧ୍ୱଂସ
ସେହି ଦିନ ଆଉ ଆସିବ କି ଭାଇ
ହୋଇବା ଆମେ ହରଷ ।
ସମୟ ସୁଅରେ ଚ଼ାଲିବାକୁ ହୁଏ
ସ୍ମୃତି ଯାଉ ଥାଏ ହଜି
ସେହି ସ୍ମୃତି ଯେବେ ମନେ ପଡ଼ିଯାଏ
ଲେଖୁଛି କବିତା ଆଜି ।

*ଝାଟିପଦର , ପାଲୁର , ଗଂଜାମ*
*ମୋ - ୭୬୦୯୯୩୪୩୬୬*

## ବିଦ୍ୟାଦାତ୍ରୀ ବାଗୀଶ୍ୱରୀ

*ରାମଚନ୍ଦ୍ର ବେହେରା*



ଜୟ ଜୟ ଜୟ ମାତା ଶ୍ୱେତାମ୍ବରୀ
ବିଦ୍ୟାଦାତ୍ରୀ ବାଗୀଶ୍ୱରୀ
ଅଜ୍ଞାନ ତିମିର ଦୂର କର ମାତ
ତବ ଚ଼ରଣେ ଗୁହାରି
ତୁମ କୃପା ବଳେ ମାତ
ମୂର୍ଖ କାଳିଦାସ ମହାଜ୍ଞାନୀ ରୂପେ
ଜଗତେ ହେଲା ବିଖ୍ୟାତ।
ଆହେ ବୀଣାପାଣି ମା' ହଂସ ବାହିନୀ
ଆସ ତୁମେ ଅବତରି
ଧର୍ମ ସଂସାରରେ ସଭିଂକ ପରାଣେ
ଦିବ୍ୟ ଜ୍ଞାନ ଦିଅ ଭରି
ତୁମେ ମା' ଶବ୍ଦ ଝଂକାର
ତୁମେ ଯେ ଅକ୍ଷର ତୁମେ ସାରା ସଂଖ୍ୟା
ତୁମେ ଜ୍ଞାନର ଭଣ୍ଡାର।
ଜଗତ ଜନନୀ ବ୍ରହ୍ମାଂକ ଘରଣୀ
ବିଦ୍ୟା ବୁଦ୍ଧି ଦାନ କର
ତୁମ ପୁଣ୍ୟ ନାମ ସ୍ମରଣ ମାତ୍ରକେ
ଅଜ୍ଞାନତା ହେଉ ଦୂର
ଦୟା ତୁମ ଝରୁଥାଉ
ଅପସରି ଯାଉ ଦୁଃଖ ଓ ଯାତନା
ଶାନ୍ତିର ବାରତା ବହୁ।
ଆଜି ପରା ମାଘ ଶୁକ୍ଳ ଶ୍ରୀପଂଚ଼ମୀ
ତୁମ ଆଗମନ ହେବ
ସାରା ରାଇଜରେ ଛାତ୍ରଂକ ପରାଣେ
ଶ୍ରଦ୍ଧାର ଭାବ ଜାଗିବ
ହେବ ତୁମ ପୂଜାବିଧି
ବିଦ୍ୟା ପ୍ରଦାୟିନୀ ଏତିକି ବିନତୀ
ଦେବ ଜନେ ସଦ୍ ବୁଦ୍ଧି।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬ ?*




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ□ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରେଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାର୍ସ'୍ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରେଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ□ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ□ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦ୍ୟୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟେ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚିଂ।ଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajnan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖୋଲ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday February 01 | ଭୁବନେଶ୍ୱର | ଶନିବାର, ଫେବୃଆରୀ ୦୧,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




‘ପର୍ଯ୍ୟବେକ୍ଷକ’ର ୨୭ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ସରିତା ସାହୁ
କେନ୍ଦ୍ରାପଡ଼ା ପୌରପାଳିକା ଅଧକ୍ଷା



ପର୍ଯ୍ୟବେକ୍ଷକ ୨୭ତମ ପ୍ରତିଷ୍ଠା ଦିବସ ଅବସରରେ କୋଣାର୍କ ଓ ଓଡିଶା ର ସମସ୍ତ ଭାଇ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଗୋପୀନାଥ ସ୍ୱାଇଁ (ଗୋପୀ)
ମଣ୍ଡଳ ସଭାପତି କୋଣାର୍କ ଏନଏସି



‘ପର୍ଯ୍ୟବେକ୍ଷକ’ର ୨୭ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ସ୍ୱାଧୀନ ନାୟକ
ପୂର୍ବତନ ଯୁବ କଂଗ୍ରେସ ସଭାପତି
କୋଣାର୍କ ଏନଏସି



‘ପର୍ଯ୍ୟବେକ୍ଷକ’ର ୨୭ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

କ୍ଷେତ୍ର ମୋହନ ବାଗ
ମୁଖ୍ୟ କାର୍ଯ୍ୟନିର୍ବାହୀ
କଳମପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃ, କଳମପୁର



‘ପର୍ଯ୍ୟବେକ୍ଷକ’ର ୨୭ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ନିହାର ରଞ୍ଜନ ବେହୁରା
୫ ୱାର୍ଡ କାଉନସିଲର କୋଣାର୍କ ଏନଏସି

*With Best Compliments from*

**GOPINATH MEDICINE STORE**

**Karigar Sahi, Dhenkanal**



‘ପର୍ଯ୍ୟବେକ୍ଷକ’ର ୨୭ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଶକ୍ତି ପ୍ରସାଦ ସୁନାନୀ
ମୁଖ୍ୟ କାର୍ଯ୍ୟ ନିର୍ବାହୀ
ବଡକୁଟୁ ପ୍ରାଥମିକ କୃଷି ସମବାୟ ସମିତି ଲି



‘ପର୍ଯ୍ୟବେକ୍ଷକ’ର ୨୭ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ସୁମନ୍ତ ଦଣ୍ଡପାଟ
କନିଷ୍ଠଯନ୍ତ୍ରୀ କଳମପୁର ବ୍ଲକ

*With Best Compliments from*

**GETWELL Medicine Store**

**Main Road, Chandan Bazar**
**Dhenkanal**



‘ପର୍ଯ୍ୟବେକ୍ଷକ’ର ୨୭ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ପିତାମ୍ବର ହେମ୍ବରମ
କନିଷ୍ଠ ଯନ୍ତ୍ରୀ କଳମପୁର ବ୍ଲକ



‘ପର୍ଯ୍ୟବେକ୍ଷକ’ର ୨୭ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଗୌରିଶଙ୍କର ମୁଣ୍ଡା
କନିଷ୍ଠ ଯନ୍ତ୍ରୀ କଳମପୁର କଳାହାଣ୍ଡି

## ମହାମହିମ ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନକୁ ତୀବ୍ର ପ୍ରତିକ୍ରିୟା କରି ବିଜେପି ଲଗାଇଲେ (ଗୋ-ବେକ) ସୋନିଆ ଗାନ୍ଧୀ ନାର




ରାୟଗଡା,(ପି.ଏନ): ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଦେଇଥିବା ବିବାଦୀୟ ବୟାନକୁ ନିନ୍ଦା କରିଛି ରାୟଗଡା ବିଜେପି । ବଜେଟ ଅଧିବେଶନ ପରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ନିଜ ମନ୍ତବ୍ୟରେ ପୁଅର ଥିଙ୍ଗ ( ବିଚାରୀ ମହିଳା) ଶବ୍ଦ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କହିଥିବା ବିଜେପି ଅଭିଯୋଗ କରିଛି । ଘଟଣାକୁ ନିନ୍ଦା କରିବା ସହ, ସୋନିଆ ଗାନ୍ଧୀ ଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ଦାବୀ କରିଛି ବିଜେପି । ଶନିବାର ଅପରାହ୍ନ ୫ଟା ସମୟରେ ରାୟଗଡା ବିଜେପି କପିଳାସ ଛକ ଠାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସୋନିଆ ଗାନ୍ଧୀଙ୍କ କୁଶ ପୁତଳିକା ଦାହ କରିଛନ୍ତି । କୋରାପୁଟ ବିଧାୟକ ରଘୁରାମ ମାଛ, ବିଜେପି ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଏସି.ଏଟି ମୋର୍ଚ୍ଚା କାଳୀରାମ ମାଝୀ, ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲା ପ୍ରମୁଖ ଉପସ୍ଥିତ ରହି ସାଂସଦ ସୋନିଆ ଗାନ୍ଧୀ ଦେଇଥିବା ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି । ଜଣେ ଆଦିବାସୀ ମହିଳା ତଥା ଭାରତର ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ପ୍ରତି ଦେଇଥିବା ଅରୁଚିକର ମନ୍ତବ୍ୟ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଏସି.ଏଟି ମୋର୍ଚ୍ଚା କାଳୀରାମ ମାଝୀ ମତବ୍ୟକ୍ତ କରିଛନ୍ତି । ଯଥାଶୀଘ୍ର ସାଂସଦ ସୋନିଆ ଗାନ୍ଧୀ, ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବାକୁ ଦାବୀ କରିଛନ୍ତି କୋରାପୁଟ ବିଧାୟକ ରଘୁରାମ ମାଛ । ଗୋ ବେକ ନାର ରେ ରାୟଗଡା ସହର କମ୍ପିଥିଲା, ଶହ ଶହ ମାତ୍ରା ରେ ବିଜେପି କର୍ମୀ ଏକତ୍ରିତ ହେବା ଦେଖିବାକୁ ମିଳିଥିଲା।

## ଛାତ୍ର କଂଗ୍ରେସର ବିକ୍ଷୋଭ



ଜଗତସିଂହପୁର,(ପି ଏନ) : ଦିନ ତଳେ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ଓଡିଶା ଗସ୍ତ ବେଳେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ଓ ତାଙ୍କ ସହଯୋଗୀ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଉପାୟରେ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିଥିଲେ କିନ୍ତୁ ପୋଲିସ ଅଗଣତାନ୍ତ୍ରିକ ଭାବରେ ମିଛ କେସ ରୁଜୁ କରି ଛାତ୍ର କଂଗ୍ରେସ ସଭାପତିଙ୍କୁ ଜେଲ ପଠାଇଛି । ଯାହାକୁ ବିରୋଧ କରି ବିଜେପି ସରକାର ବିରୁଦ୍ଧରେ ଜଗତସିଂହପୁର ଜିଲ୍ଲା ଛାତ୍ର କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାଇପ୍ରଭଞ୍ଜନ ମହାପାତ୍ର ଙ୍କ ନେତୃତ୍ୱରେ ଟାଉନ ହଲ୍ ନିକଟରୁ ଛାତ୍ର କଂଗ୍ରେସ କର୍ମୀ ମାନେ ଏକ ନାରାବାଜି କରି ଏକ ଶୋଭାଯାତ୍ରା ରେ ବିଜୁ ପଟ୍ଟନାୟକ ଛକ ନିକଟକୁ ଆସି ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଆରଏସ୍ ଏସ୍ ମୁଖ୍ୟ ମୋହନ ଭାଗବତ ଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏଥିସହ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଙ୍କୁ ତୁରନ୍ତ ଜେଲ ରୁ ବାହାର କରିବାକୁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ , ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମାନସ ରଥ,କୃଷ୍ଣ ଚନ୍ଦ୍ର ପ୍ରଧାନ, ନାରାୟଣ ନାୟକ , ହିମାଂଶୁ ବିଶ୍ୱାଳ, ମୁକ୍ତାର ଅଲ୍ଲୀ, ପ୍ୟାରେଶ ପାତ୍ର , ସୁଶାନ୍ତ କୁମାର ଦାସ , ମିଳନ ମହାରଣା, ସୌମ୍ୟଜିତ ଦାସ, ପ୍ରଦୀପ୍ତ ମିତ୍ର , ଜ୍ୟୋତିରଞ୍ଜନ ମଲ୍ଲିକ, ଶୁଭାସିଶ ସ୍ୱାଇଁ , କିଶୋର ବାଘୀ , ରାକେଶ ସ୍ୱାଇଁ , ଅଜୟ ସ୍ୱାଇଁ , ପ୍ରତ୍ୟୁଷ ନାୟକ, ସୁଜିତ ଦାସ, ସୋରୂପ କାନୁନଗୋ , ରୁଦ୍ର ବେହେରା , ରାଜେନ୍ଦ୍ର ନାୟକ , ମନୋରଜଂନ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମୋଦୀ ସରକାରଙ୍କର ସାଧାରଣ ବଜେଟ ୨୦୨୫ ଆର୍ଥିକ ନ୍ୟାୟ ବିରୋଧୀ

ଭୁବନେଶ୍ୱର,(ପି.ଏନ): ମୋଦୀ ସରକାରଙ୍କର ସାଧାରଣ ବଜେଟ ୨୦୨୫ ଆର୍ଥିକ ନ୍ୟାୟ ବିରୋଧୀ । ବିଗତ ବଜେଟ ଠାରୁ ଚଳିତ ବଜେଟରେ ଅଧିକ ବ୍ୟୟବରାଦ ହୋଇଥିବା ବେଳେ ଗରିବ, ଚାଷୀ, ଶ୍ରମିକ ତଥା ଯୁବଶକ୍ତିକୁ ୨୦୨୫ ବଜେଟ ନିରାଶ କରିଛି। ଚଳିତ ବଜେଟରେ ପ୍ରତିରକ୍ଷାକୁ ସର୍ବାଧିକ ଅର୍ଥ ବ୍ୟୟବରାଦ ହୋଇଥିବା ବେଳେ ଶିକ୍ଷା, କୃଷି, ଗ୍ରାମୀଣ ଅର୍ଥନୀତି ତଥା ରୋଜଗାର ଭଳି ବିଷୟ ସରକାରଙ୍କ ପ୍ରାଥମିକତାରେ ନାହିଁ। ଚଳିତ ବଜେଟରେ ମଧ୍ୟମବର୍ଗଙ୍କୁ ଆୟକର ଛାଡ଼ ଦେଇ ସରକାର ବାହାବା ନେଉଥିବା ବେଳେ ମଧ୍ୟମବର୍ଗ ପରିବାରରେ କେହି ନା କେହି ବେରୋଜଗାର ହୋଇ ଘରେ ବସିଛନ୍ତି। ଆୟକର ଛାଡ଼ର ବିତର୍କ ସେମାନଙ୍କ ପାଇଁ ଯେଉଁମାନଙ୍କର ଚାକିରି ଅଛି, ଯେଉଁମାନେ ବେକାର ଅଛନ୍ତି ସେମାନଙ୍କ ଉପରେ ଆୟକର ଛାଡ଼ର କୌଣସି ପ୍ରଭାବ ଅଛି କି ? ଦେଶରେ ୧ % ଧନୀ ଲୋକଙ୍କ ପାଖରେ ଦେଶର ୪୦% ସମ୍ପତ୍ତି ତଥା ୨୧ ଜଣ ଧନୀଙ୍କ ପାଖରେ ୮୦ କୋଟି ଲୋକଙ୍କ ସମ୍ପତ୍ତିଠୁ ଅଧିକ ଧନ ରହିଛି, ସେହି ହାତଗଣତି ଧନୀଲୋକଙ୍କ ଉପରେ ବଜେଟରେ କୌଣସି ଅଙ୍କୁଶ ନାହିଁ ଯାହା ମୋଦି ସରକାରଙ୍କ ସବକା ସାଥ ସବକା ବିକାଶର ନକଲି ଚିତ୍ରକୁ ପଦାରେ ପକାଇଛି। ଗୋଟିଏ ପଟେ ଦେଶର କୋଟି କୋଟି ବେକାର ଯୁବକ ଯୁବତୀ ରୋଜଗାର ପାଇଁ ହନ୍ତସନ୍ତ ହେଉଥିବା ବେଳେ ଅନ୍ୟପକ୍ଷରେ ମୋଦି ସରକାର ହାତଗଣତି ପୁଞ୍ଜିପତିଙ୍କୁ ରାଷ୍ଟ୍ରାୟତ କମ୍ପାନୀ ବିକି ଦେଶକୁ ତଳିତଳାନ୍ତ କରିବାରେ ଲାଗିଛନ୍ତି। ଆଜି ଦେଶରେ ବେରୋଜଗାରୀ ଦର ୭.୫% (ଶତକଡା)ରେ ପହଞ୍ଚିଥିବା ବେଳେ ବିଗତ ସବୁ ବଜେଟ ପରି ଚଳିତ ବଜେଟରେ ରୋଜଗାର ପ୍ରସଙ୍ଗରେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ଦରଦାମର ଆକାଶ ଛୁଆଁ ବୃଦ୍ଧି କୋଟି କୋଟି ଗରିବ, ଖଟିଖିଆ, ମେହେନତୀ ମଣିଷର ଅର୍ଥନୈତିକ ଅଣ୍ଟାକୁ ଭାଙ୍ଗିଦେଇଛି।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray